### ସରକାରୀ ଜମି ଜବରଦଖଲ କରିଛନ୍ତି ଅନେକ ପ୍ରଭାବଶାଳୀ

# ଉଚ୍ଛେଦ ପାଇଁ ତହସିଲ୍‌ଦାରଙ୍କ ନୋଟିସ୍‌ରେ ପ୍ରିୟାପ୍ରୀତି

କଣାସ,୨୩।୨(ସମିସ)

କଣାସ ବ୍ଲକ୍ ଗଡ଼ସାନପୁଟ ଗ୍ରାମ ପଞ୍ଚାୟତରେ ଶହଶହ ଏକର ସରକାରୀ ଜମି ରହିଥିବାବେଳେ ଅନେକ ବ୍ୟକ୍ତି ଦୀର୍ଘ ୫୦ ବର୍ଷ ତଳେ ନିଜ ନାମରେ ଥିବା ଜମି ସହିତ କିଛି ସରକାରୀ ଜମି ଜବରଦଖଲ କରି ଘରଦ୍ୱାର କରି ରହିଆସୁଛନ୍ତି। ବର୍ତ୍ତମାନ କଣାସ ତହସିଲ୍‌ଦାର ସେମାନଙ୍କୁ ସରକାରୀ ଜମି ଛାଡ଼ିଦେବା ପାଇଁ ନୋଟିସ୍ କରିଥିବାବେଳେ ଆଉ କେତେକ ରାଜନେତା ୧୦୦ ଏକର ସରକାରୀ ଜମି ଅକ୍ତିଆର କରି ନେଇଛନ୍ତି। ଅକ୍ତିଆର କରିଥିବା ଜମିରୁ କେତେକ ଜମି ବିଭିନ୍ନ ଲୋକଙ୍କୁ ବିକ୍ରି କରିଦେଇଛନ୍ତି। ଉକ୍ତ ରାଜନେତାମାନେ ସରକାରୀ ଦଳର ହୋଇଥିବାରୁ ସେମାନଙ୍କୁ ଉଚ୍ଛେଦ ପାଇଁ ନୋଟିସ ହୋଇନାହିଁ। ଗ୍ରାମବାସୀ ଏହା ଜାଣିବା ପରେ ଦୁଇ ଦିନ ତଳେ ଗ୍ରାମସଭା ଡାକି ଆଲୋଚନା କରିବା ସହିତ ସମସ୍ତେ ସରକାରୀ ଜମି



ଫେରାଇବା ପାଇଁ ନୋଟିସ୍ କରିବାକୁ ଦାବି କରି ସୋମବାର ଶତାଧିକ ଗ୍ରାମବାସୀ କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରିଙ୍କୁ ଭେଟି କେଉଁ ରାଜନେତା ସରକାରୀ ଜମି ମାଡ଼ିବସିଛନ୍ତି ସେମାଙ୍କୁ ଫେରେଇବା ପାଇଁ କାହିଁକି ନୋଟିସ୍ ହେଉନାହିଁ ବୋଲି ଅଡ଼ି ବସିଥିଲେ। ତୁରନ୍ତ ନୋଟିସ କରାଯାଉ, ନଚେତ୍ ତହସିଲ୍‌ଦାରଙ୍କ ଅଫିସ ସମ୍ମୁଖରେ ଅମରଣ ଅନଶନ କରିବୁ ବୋଲି ଏକ ଦାବିପତ୍ର ଦେଇଛନ୍ତି।

**ତହସିଲ୍‌ଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଉକ୍ତ ଦାବିପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପୁରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ତହସିଲ୍‌ଦାର ଶ୍ରୀ ଗିରିଙ୍କୁ ପଚାରିବାରୁ କେଉଁ ରାଜନେତା ଓ ବଡ଼ ଲୋକ ସରକାରୀ ଜମି ମାଡ଼ିବସିଛନ୍ତି ସେ ଜମି ସମ୍ପର୍କରେ ତଦନ୍ତ କରି ନୋଟିସ୍ ଦେବି ବୋଲି ଗ୍ରାମବାସୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କହିଛନ୍ତି।



'ଆମ୍ବ ବଉଳ ଫଗୁଣ ମାସେ, ଦିଗ ଚହଟଇ ତା'ର ସୁବାସେ'

ଫଟୋ-ନିମାପଡ଼ା

## ୨୦୦୩ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ




ନିମାପଡ଼ା,୨୩।୨(ସମିସ): ନିମାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୨୦୦୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ରବିବାର ଦିଘାଳୋସ୍ଥିତ ମନସାଦେବୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୩ ବର୍ଷ ପରେ ପ୍ରଥମ କରି ଆୟୋଜିତ ହୋଇଥିବା ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରାୟ ୭୦ଜଣ ଛାତ୍ର ଯୋଗଦେଇଥିଲେ। ଏତେଦିନର ବ୍ୟବଧାନ ପରେ ଏଭଳି ଏକ ଅବସରରେ ଏକାଠି ହେବାର ସୁଯୋଗ ମିଳିଥିବାରୁ ସେମାନଙ୍କ ମଧ୍ୟରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ର ଜୀବନର ସ୍ମୃତି ଆଦାନପ୍ରଦାନ ସହ ପରସ୍ପର ପ୍ରତି ଭଲପାଇବା, ବନ୍ଧୁତା ଓ ସମ୍ବେଦନଶୀଳତା ବଜାୟ ରଖିବା ନେଇ ଆଲୋଚନା ହୋଇଥିଲା। ବନ୍ଧୁମାନେ ପିଲାଦିନର ସ୍କୁଲ ଜୀବନର ସ୍ମୃତିକୁ ରୋମନ୍ଥନ କରି ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ନିଜ କର୍ମମୟ ଜୀବନରୁ କିଛି ସମୟ ବାହାର କରି ସମାଜସେବା, ବୃକ୍ଷରୋପଣ, ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ତଥା ଗରିବ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଆଗାମୀ ଦିନରେ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ବିଜୟ କୁମାର ପାଣି, ପ୍ରକାଶ କୁମାର ସ୍ୱାଇଁ, ଆଶିଷ କୁମାର ବାରିକ, ପ୍ରଣୟ ଲେଙ୍କା, ବିଶ୍ୱଜିତ୍ ମୁଦୁଲି, ଅଜିତ୍ ଅମିତାଭ ମିଶ୍ର, ରାଜେଶ୍ ବାରିକ, ଅଶୋକ ସାହୁ, ମାଧବ ନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

## ୪ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ ଓ ହ୍ୱିଲ୍ ଚେୟାର ପ୍ରଦାନ

ସାକ୍ଷୀଗୋପାଳ,୨୩।୨(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସତ୍ୟବାଦୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୫୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୪୪ଟି ବ୍ୟକ୍ତିଗତ, ୮ଟି ଗ୍ରାମ ସମ୍ବନ୍ଧୀୟ, ୧ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଓ ଗୋଟିଏ ରେଡ୍‌କ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ସେହିପରି ୪ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକଲ ଓ ହୁଇଲ୍ ଚେୟାର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ



ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମାଷ୍ଟର ମାଣିଆ ଫୁଟ୍‌ବଲ ପ୍ରତିଯୋଗିତା: ଗାଦିବ୍ରହ୍ମ କ୍ଲବ୍ ଚାମ୍ପିଅନ

ଡେଲାଙ୍ଗ,୨୩।୨(ସମିସ): ଡେଲାଙ୍ଗ ବ୍ଲକ୍ ଅଧୀନ ଗଡ଼ ରେଙ୍ଗଲସ୍ଥିତ ବରାହୀ ମିନି ଷ୍ଟାଡିୟମ୍‌ରେ ୩୫ତମ ମାଷ୍ଟର ମାଣିଆ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଗାଦିବ୍ରହ୍ମ ଫୁଟ୍‌ବଲ କ୍ଲବ୍ ତଳଖେତା ଓ ଡାଇନାମିକ୍ ଫୁଟ୍‌ବଲ କ୍ଲବ୍ ଜଟଣୀ ମୁହାଁମୁହିଁ ହୋଇଥିଲେ। ଏହି ଫାଇନାଲ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ଦଳ ଗୋଲ୍ କରିପାରି ନ ଥିବାରୁ ମ୍ୟାଚ୍‌ର ଫଳ ମିଳିପାରି ନ ଥିଲା। ରେଫରୀ ରମେଶ ପାଇକରାୟଙ୍କ ନିର୍ଦ୍ଦେଶରେ ଉଭୟ ଦଳଙ୍କୁ ୫ଟି ଲେଖାଏଁ ପେନାଲ୍‌ଟି କିକ୍ ମାରିବାର ସୁଯୋଗ ଦିଆଯାଇଥିଲା। ଏହି ରୋମାଞ୍ଚକର ମ୍ୟାଚ୍‌ରେ ଗାଦିବ୍ରହ୍ମ ଫୁଟ୍‌ବଲ କ୍ଲବ୍ ୪-୩ ଗୋଲ୍‌ରେ ଡାଇନାମିକ୍ କ୍ଲବ୍‌କୁ ହରାଇ ବିଜୟ ହାସଲ କରିଥିଲା। ଏହି ସମାରୋହରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବାସନ୍ତୀ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମଳୟ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ପ୍ରତାପ ପଟ୍ଟନାୟକ, ଉପଦେଷ୍ଟା ବାଉରୀବନ୍ଧୁ ଦାସ, ମାଷ୍ଟର ମାଣିଆ ସ୍ମାରକୀ ସମ୍ପାଦକ ଜଳନ୍ଧର ବେହେରା, ବିରଞ୍ଚି ନାରାୟଣ ସାମନ୍ତସିଂହାର, ସୁମନ ପଟ୍ଟନାୟକ, କବିରାଜ ସାହୁ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ରମେଶ ସ୍ୱାଇଁ, ସୁକାନ୍ତ ପାଳକ, ସନ୍ତୋଷ ଦାସ, ହାଡ଼ିବନ୍ଧୁ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଏନ୍‌ରିଚ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ପିପିଲି,୨୩।୨(ସମିସ):** ମଙ୍ଗଳପୁରସ୍ଥିତ ଏନ୍‌ରିଚ୍ ପବ୍ଲିକ୍ ସ୍କୁଲ୍ ୨ର ପ୍ରଥମ ବାର୍ଷିକ ଉତ୍ସବ ବ୍ଲୁମ୍ ଫେଷ୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆଇଏଏସ୍ ଦାଶରଥି ଶତପଥୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଶରତ ଚଉଁରୀ, ଶିକ୍ଷାବିତ୍ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ କୋମଳମତି ପିଲାମାନଙ୍କୁ ଜୀବନରେ ବଡ଼ ମଣିଷ ହେବା ସହ ଜଣେ ଜଣେ ଭଲ ମଣିଷ ହୋଇ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅଞ୍ଚଳର ୨୦ ଜଣ ବୁଦ୍ଧିଜୀବୀ, ସଫଳ ବ୍ୟବସାୟୀ, ସମାଜସେବୀଙ୍କ ସହ ସାମ୍ବାଦିକ ରଜତ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅସିତ୍ ସାହୁ ଧନ୍ୟବାଦ ଦେଇଥିବାବେଳେ ଶିକ୍ଷକ ଅବ୍‌ଦୁଲ କାଦିର କୁରେସୀ ଏବଂ ସୁଶ୍ରୀ ସଂଗୀତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବର୍ଷାରାଣୀ ବଳଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।



## ବାଜପେୟୀ ପ୍ରିମିୟର ଲିଗ୍: ରୁଦ୍ର ଇଲେଭେନ୍ ଚାମ୍ପିଅନ

**ପିପିଲି,୨୩।୨(ସମିସ):** ପିପିଲି ବାଜପେୟୀ ଛକ ନିକଟରେ ମହାବୀର କ୍ରିକେଟ କ୍ଲବ୍ ପକ୍ଷରୁ ଷଷ୍ଠ ବାଜପେୟୀ ପ୍ରିମିୟର ଲିଗ୍-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଡିପି ବ୍ରଦର୍ସ, କ୍ରେଜି ଇଲେଭେନ, ରୁଦ୍ର ଇଲେଭେନ, ଦିଶା ଇଲେଭେନ, ଜେସି ଫାଇଟର, ଅରିଶଲ ରୟାଲ, ମା' କ୍ଷେତ୍ରପାଳି ଲାୟନ୍ସ, ବନଦୁର୍ଗା ୱାରିୟର୍ସକୁ ନେଇ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଡିପି ବ୍ରଦର୍ସ ଏବଂ ରୁଦ୍ର ଇଲେଭେନ ମଧ୍ୟରେ ଖେଳ ହୋଇଥିଲା। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ସୁପର ଓଭରରେ ରୁଦ୍ର ଇଲେଭେନ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ




ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ ଯୋଗଦେଇ ଉନ୍ନତ ଖେଳ ପ୍ରଦର୍ଶନ କରିବା ପାଇଁ କହିଥିଲେ। ମୁଖ୍ୟବକ୍ତା ଭାବରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇ ଟିମ୍ ସ୍ପିରିଟ୍ ଭାବରେ ସମସ୍ତେ ଖେଳିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବରେ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଆଇନଜୀବୀ ଅନୁପ ପରିଡ଼ା ଯୋଗଦେଇ ଖେଳାଳିଙ୍କୁ ଖେଳୁଆଡ଼ ମନୋଭାବରେ ଖେଳିବା ପାଇଁ କହିଥିଲେ। ଉପବିଜେତା ଡିପି ବ୍ରଦର୍ସକୁ ୩୦ ହଜାର ନଗଦ ଆର୍ଥିକ ରାଶି ସହିତ ଟ୍ରଫି ଏବଂ ବିଜୟୀ ରୁଦ୍ର ଇଲେଭେନ ଦଳକୁ ୪୦ ହଜାର ଟଙ୍କାର ଆର୍ଥିକ ରାଶି ସହିତ ବିଜୟୀ ଟ୍ରଫି ପ୍ରଦାନ କରାଯାଇଥିଲା। ସର୍ବାଧିକ ୪୭ ରନ୍ କରିବା ସହ ଗୋଟିଏ ୱିକେଟ୍ ।।ନେଇଥିବା ଦେବାଙ୍ଗନ ଦାଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରୁଦ୍ର ଇଲେଭେନ ଦଳର ଚନ୍ଦନ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିଲେ। ପ୍ରତିଯୋଗିତାକୁ ଶନ୍‌ଇଟେ ପଣ୍ଡା, ପବିତ୍ର ପ୍ରଧାନ ପରିଚାଳନା କରିଥିବାବେଳେ ଶିବ ପ୍ରସାଦ ସାହୁ, ସୁକାନ୍ତ ପ୍ରଧାନ, ଭଗବାନ ବିଶୋଇ, ଶିବ ପ୍ରସାଦ ପ୍ରଧାନ, ଦିଗାମ୍ବର ବାରିକ, ପିଙ୍କୁ ପ୍ରଧାନ, ଜାକେଶ ସେନାପତି, ଚନ୍ଦନ ପ୍ରଧାନ, ପବିତ୍ର ପରିଡ଼ାଙ୍କ ସହିତ ମହାବୀର କ୍ରିକେଟ କ୍ଲବ୍ ହାଟସାହିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୀରରାମଚନ୍ଦ୍ରପୁର ଚାମ୍ପିଅନ

**ସାକ୍ଷୀଗୋପାଳ,୨୩।୨(ସମିସ):** ମା' ନାରାୟଣୀ କ୍ରିକେଟ କ୍ଲବ୍, ପାଟଯୋଶୀପୁର ଦ୍ୱାରା ଆୟୋଜିତ ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଲାରପୁର କ୍ରିକେଟ ଟିମ୍‌କୁ ହରାଇ ବୀରରାମଚନ୍ଦ୍ରପୁର କ୍ରିକେଟ ଟିମ୍ ଚାମ୍ପିଅନ୍ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଲାରପୁର, କାଳିଆକେରା, ବୀରରାମଚନ୍ଦ୍ରପୁର, ତମାଣ୍ଡୋ, ସିଉଳା, ନୂଆସନ୍ଥ ଓ ବୁଢ଼ାକେରା ଅଂଶଗ୍ରହଣ କରିଥିଲେ। ୨ ଦିନ ଧରି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବୀରରାମଚନ୍ଦ୍ରପୁର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୮ ରନ୍ କରିଥିଲା। ଅଲାରପୁର କ୍ରିକେଟ ଟିମ ନିର୍ଦ୍ଧାରିତ ୧୦ ଓଭରରେ ୫୧ ରନ୍



କରିବାରେ ସକ୍ଷମ ହୋଇଥିଲା। ୩୮ ରନ୍‌ରେ ବୀରରାମଚନ୍ଦ୍ରପୁର କ୍ରିକେଟ ଟିମ୍ ବିଜୟୀ ହୋଇଥିଲା। ବିଜୟୀ ଦଳର ସୌମ୍ୟଜିତ୍ ସର୍ବାଧିକ ୨୮ ରନ୍, ବିଷ୍ଣୁପ୍ରସାଦ ୧୯ ରନ୍ କରିଥିଲେ ଓ ୩ଟି ୱିକେଟ୍ ନେଇଥିଲେ। ସେହିପରି ଆଶୁତୋଷ ୪ଟି ୱିକେଟ୍, ମୁକ୍ତିକାନ୍ତ ୨ଟି ୱିକେଟ୍ ନେଇଥିଲେ। ମ୍ୟାନ୍ ଅଫ୍ ଦ ଫାଇନାଲ ସୌମ୍ୟଜିତ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ବିଷ୍ଣୁପ୍ରସାଦଙ୍କୁ ପୁରସ୍କାର ଅର୍ପଣ କରାଯାଇଥିଲା। ବିଜୟୀ ଓ ରନର୍ସଅପ୍ ଦଳକୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

## କିନ୍ନର ହତ୍ୟା ମାମଲା; ତୃତୀୟ ଅଭିଯୁକ୍ତ ଗିରଫ

ପିପିଲି,୨୩।୨(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ସିଫା ନିକଟସ୍ଥ ବାଲିଗଦା ପାଖରେ ଗତ ୧ ତାରିଖ ରାତିରେ କିନ୍ନର ସୋନା ଓରଫ୍ ଅଞ୍ଜଳି ଓରଫ ଦିନେଶ ରାଉତଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପିପିଲି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨୨ ଦିନ ପରେ ତୃତୀୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ତୃତୀୟ ଅଭିଯୁକ୍ତ ହେଉଛି ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଙ୍ଗର ଗ୍ରାମର ଛବିନା କାଣ୍ଡି(୩୫) ଓରଫ ମୁନା। ସେ ବରପଦା ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ କୁଡ଼ିଆ ଘରେ ଲୁଚି ରହିଥିବା ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗିରଫ କରିଥିଲା। ସୂଚନାଥାଉ କି, ହତ୍ୟାକାଣ୍ଡର ୧୧ ଦିନ ପରେ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା କାଣ୍ଡି(୨୫)କୁ ପୁଲିସ ପିପିଲି-ଭୁବନେଶ୍ୱର ବାଇପାସ୍ ନାୟର ପେଟ୍ରୋଲ ପମ୍ପ ନିକଟରେ ଏନ୍‌କାଉଣ୍ଟର କରି ଗିରଫ କରିଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ଅନ୍ୟତମ ଅଭିଯୁକ୍ତ ସୁନିଲ୍ କାଣ୍ଡି ଓରଫ ଗେଜା(୨୨)କୁ କୁରୁଜଙ୍ଗ ପଞ୍ଚାୟତ ବିଅଁଳ ଗ୍ରାମ ମଠସାହିରୁ ଗିରଫ କରିଥିଲା। ଗତ ଫେବୃଆରୀ ୧ ରେ ଅଭିଯୁକ୍ତମାନେ ଛିନ୍‌ତାଇ ଉଦ୍ଦେଶ୍ୟରେ ପ୍ରଥମେ କିନ୍ନର ଅଞ୍ଜଳିଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ୩ ଜଣ ଯାକ ମିଶି ତାଙ୍କୁ ଛୁରି ଭୁସି ହତ୍ୟା କରିଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ● ବାଇକ୍-କାର୍ ଧକ୍କା

## ୨ ପୁଲିସ ଓ ଜଣେ ଅଭିଯୁକ୍ତ ଗୁରୁତର

ବ୍ରହ୍ମଗିରି,୨୩।୨(ସମିସ): ପୁରୀ-ସାତପଡ଼ା ଜାତୀୟ ରାଜପଥ ଗଡ଼ରୋଡ଼ଙ୍ଗ ଛକଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ପୁଲିସ କର୍ମଚାରୀ ଓ ଜଣେ ଅଭିଯୁକ୍ତ ଗୁରୁତର ହୋଇଛନ୍ତି। ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ନେଇ ବାଇକ୍‌ରେ ଯାଉଥିବା ସମୟରେ ବାଇକ୍‌କୁ ଧକ୍କା ଦେଇଥିଲା ଏକ କାର୍। ଦୁର୍ଘଟଣାରେ ଆହତ ଦୁଇ ପୁଲିସ କର୍ମଚାରୀଙ୍କ ସହ ଅଭିଯୁକ୍ତ ଆହତଙ୍କୁ ରେବେଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

**ପୁଲିସ ବାଇକ୍‌ରେ ଅଭିଯୁକ୍ତକୁ ଧରି ଆସୁଥିବାକୁ ନେଇ ପ୍ରଶ୍ନବାଚୀ**

ସୂଚନା ଅନୁସାରେ, ଅରଖକୁଦା ମେରାଇନ୍ ଥାନାର ଦୁଇଜଣ ହୋମ୍‌ଗାର୍ଡ ଜଣେ ଅଭିଯୁକ୍ତକୁ ଧରି ବ୍ରହ୍ମଗିରି ଥାନା ଅଭିମୁଖେ ଆସୁଥିଲେ। ପୁରୀ ପଟୁ ଚିଲିକା ବୁଲିବା ପାଇଁ ଯାତ୍ରୀ ନେଇ ଆସୁଥିବା ଏକ କାର୍ ଗଡ଼ରୋଡ଼ଙ୍ଗ ଛକ ନିକଟରେ ବାଇକ୍‌କୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଦୁଇ ପୁଲିସ ଓ ଜଣେ ଅଭିଯୁକ୍ତ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କର ଗୋଡ଼ ଭାଙ୍ଗିଯାଇଥିବାବେଳେ ଅନ୍ୟମାନେ ଗୁରୁତର ଆହତ ହୋଇଛନ୍ତି। କାର୍‌ଟି ଚୁର୍‌ମାର ହୋଇଯାଇଛି। ବ୍ରହ୍ମଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ସେପଟେ ଦୁଇ ଜଣ ହୋମ୍‌ଗାର୍ଡ କିପରି ଗୋଟିଏ ବାଇକ୍‌ରେ ଜଣେ ଅଭିଯୁକ୍ତକୁ ଧରି ଆସୁଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ସେହି ଗାଡ଼ି ଚାଳକ ବିନା ହେଲ୍‌ମେଟରେ କିପରି ଗାଡ଼ି ଚଳାଉଥିଲେ। ଅଭିଯୁକ୍ତକୁ କାହିଁକି ପୁଲିସ ଭ୍ୟାନ୍‌ରେ ନ ଆଣି ମୋଟର ସାଇକଲରେ ଆଣିବା ପାଇଁ କିଏ କହିଥିଲା। ତାହା ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

### ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା

# 'ଯୁବକଙ୍କ ମଧ୍ୟରେ ଏକତା ରହିଲେ ସଫଳତା ନିଶ୍ଚିତ ମିଳିବ'

କଣାସ,୨୩।୨(ସମିସ)

ଭାରତୀୟ ଜୀବନ ବୀମା ନିଗମ ଓ ନୀଳାଦ୍ରି ବିହାରୀ ରିଲିଜିଅସ୍ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବସନ୍ତପୁରଠାରେ ଏକ ଯୁବ ସମ୍ମିଳନୀ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ନୀଳାଦ୍ରି ବିହାରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀବତ୍ସ ନାୟକ ଯୋଗଦେଇଥିବା ବେଳ ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ପ୍ରଦୀପ କୁମାର ପରିଡ଼ାଙ୍କ ସମେତ ବହୁ ଶିକ୍ଷାବିତ୍ ତଥା ସ୍ଥାନୀୟ ଯୁବକମାନେ ଉପସ୍ଥିତ ଥିଲେ। ଶ୍ରୀ ପରିଡ଼ା ଟ୍ରଷ୍ଟର ବାର୍ଷିକ ବିବରଣୀ ପାଠ କରିବା ସହିତ ଟ୍ରଷ୍ଟର ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ନିଜସ୍ୱ ପାଣ୍ଠିରୁ ସମସ୍ତ ଅର୍ଥ ଖର୍ଚ୍ଚ କରି ଏବଂ ନିଜର ବ୍ୟସ୍ତବହୁଳ ଜୀବନ ମଧ୍ୟରୁ କିଛି କିଛି ସମୟ ବାହାର କରି ନିଜର ଜନ୍ମମାଟିରେ




ଯେଉଁ ଟ୍ରଷ୍ଟ ସ୍ଥାପନା କରିଛନ୍ତି, ତା' ସହିତ କିଭଳି ଭାବେ ଅଧିକରୁ ଅଧିକ ଯୁବକ ଯୋଡ଼ି ହୋଇ ରହିବେ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାକୁ ଉଦ୍‌ବୋଧନ ଦେବାକୁ ଯାଇ ମୁଖ୍ୟ ଅତିଥି ଶ୍ରୀ ନାୟକ କହିଥିଲେ ଯେ, ଯୁବକମାନେ ହିଁ ଦେଶର ଭବିଷ୍ୟତ ତଥା ପ୍ରଗତିର ମୂଳଦୁଆ। ସେମାନଙ୍କର ଅତୁଳନୀୟ ଶକ୍ତି, ନୂତନ ଚିନ୍ତାଧାରା ଏବଂ ପ୍ରତିବଦ୍ଧତା ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ପ୍ରେରକ ଭାବେ କାର୍ଯ୍ୟ କରିବ। ଆତ୍ମବିଶ୍ୱାସ, ଶିଷ୍ଟାଚାର ଏବଂ ଦେଶସେବାର ମନ୍ତ୍ରକୁ ଯୁବକମାନେ ଆଦରି ନେଲେ ନିଶ୍ଚିତ ଭାବେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମଧ୍ୟ ସେ ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ପରିଡ଼ା କହିଥିଲେ ଯେ, ଗାଁର ଯୁବକ ଭାଇମାନଙ୍କ ମଧ୍ୟରେ ଏକତା ଓ ଅନୁଶାସନ ରହିଲେ ସଫଳତା ନିହାତି ମିଳିବ। ପରିବେଶର ସୁରକ୍ଷା ସମ୍ବନ୍ଧରେ ଯୁବକମାନଙ୍କୁ ସେ ସଚେତନ କରିଥିଲେ ଏବଂ ପ୍ରତ୍ୟେକ ଯୁବକ କିଭଳି ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ତାହା ଉପରେ ଧ୍ୟାନ ଦେଇଥିଲେ। ନିକଟରେ ଓଡ଼ିଶା ରାଜ୍ୟ ସରକାରଙ୍କ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ସହକାରୀ ବିଭାଗ ଅଧିକାରୀ ପଦରେ ଅଧିଷ୍ଠିତ ହୋଇଥିବା ବସନ୍ତପୁର ଗ୍ରାମର ଶ୍ରଦ୍ଧାଞ୍ଜଳି ପାଇକରାୟ ଏବଂ ଓଡ଼ିଶା ଅଗ୍ନିଶମ ବିଭାଗରେ ଯୋଗଦେଇଥିବା ଅମର ସୁନ୍ଦରାୟଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନିମନ୍ତ୍ରିତ ଅତିଥି, ଯୁବକ ସାଥୀ ଓ ଗଣମାଧ୍ୟମର ସମସ୍ତ ବନ୍ଧୁଙ୍କୁ ମେଘନାଦ ପାଇକରାୟ ଧନ୍ୟବାଦ ଜଣାଇ ସଭାକୁ ସମାପ୍ତ କରିଥିଲେ।

୨୩/୨/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୧,୮୨୩/- ସୁନା:୦୧.୬୦୦ ଗ୍ରାମ୍ ରୁପା: ୧୮.୦୦୦ ଗ୍ରାମ୍



### ରାସ୍ତାରେ ରହିଥିଲା ପୁରୁଣା, ଅବ୍ୟବହୃତ ଗାଡ଼ି

# ୨୬ ଗାଡ଼ିକୁ ଟେକିନେଲା ପୁଲିସ

**ପୁରୀ,୨୩।୨(ସମିସ):** ପୁରୀ ସହରରେ ଟ୍ରାଫିକ୍ ସୁପରିଚାଳନା ଏବଂ ଜନସାଧାରଣଙ୍କ ଯାତାୟାତକୁ ସୁଗମ କରିବା ଲାଗି ପୁଲିସ ବିଶେଷ ଅଭିଯାନ ଚଳାଇଥିଲା। ପୁରୀ ସହର ଏକ ଧାର୍ମିକ ଓ ପର୍ଯ୍ୟଟନ ସହର ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଯାତାୟାତ କରିଥା’ନ୍ତି। କିନ୍ତୁ ସହରର ବିଭିନ୍ନ ସ୍ଥାନ ବିଶେଷକରି ଛୋଟ ଗଳିମାନଙ୍କରେ ବର୍ଷ ବର୍ଷ ଧରି ପୁରୁଣା ୩ ଚକିଆ ଓ ୪ ଚକିଆ ଯାନବାହନ ଅଚଳ ଅବସ୍ଥାରେ ପଡ଼ିରହିଥିଲା। ଏହି ପରିତ୍ୟକ୍ତ ଯାନବାହନ ରାସ୍ତା ଅବରୋଧ ସୃଷ୍ଟି କରିବା ସହିତ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିଲେ। ପୁରୀ ଟ୍ରାଫିକ୍ ଥାନା ପକ୍ଷରୁ ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ସର୍ବସାଧାରଣ ରାସ୍ତାରେ ରଖାଯାଇଥିବା






ମୋଟ୍ ୨୬ଟି ଗାଡ଼ିକୁ ସେହି ଜାଗାରୁ ହଟାଯାଇଛି। ଏହି ଗାଡ଼ିଗୁଡ଼ିକ ମଧ୍ୟରୁ କିଛି ଗାଡି ଅଚଳ ଅବସ୍ଥାରେ ଥିବା ସହିତ କିଛି ଗାଡ଼ି ମାଲିକଙ୍କ ଅବହେଳା ଯୋଗୁଁ ରାସ୍ତାରେ ରଖାଯାଇଥିଲା। ଏହାଦ୍ୱାରା ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ପୁରୀ ସହର ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ବିଶେଷକରି ଶ୍ରୀମନ୍ଦିର ପରିସର ଓ ସମୁଦ୍ରତଟ ଅଞ୍ଚଳରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଛି।

ଏ ପରିସ୍ଥିତିରେ ରାସ୍ତା ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବେ ଗାଡ଼ି ରଖାଯାଇଥିବାରୁ ଜରୁରୀ ସେବାରେ ନିୟୋଜିତ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଗାଡ଼ି ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ସେଥିପାଇଁ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଅଭିଯାନ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିଲା। ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ରାସ୍ତା ଜାମ୍ ହ୍ରାସ କରିବା ଓ ସାଧାରଣ ଲୋକଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ଟ୍ରାଫିକ୍ ପୁଲିସ ଦ୍ୱାରା ନିୟମିତ ଯାଞ୍ଚ ଓ ଅଭିଯାନ ଚାଲିଛି ଏବଂ ଆଗାମୀ ଦିନରେ ଏହାକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଏସ୍‌ପି କହିଛନ୍ତି। ସହରର ଯେକୌଣସି ଅଞ୍ଚଳରେ ଯଦି କୌଣସି ବ୍ୟକ୍ତି ଦୀର୍ଘ ସମୟ ଧରି ତାଙ୍କର ଗାଡ଼ି ସର୍ବସାଧାରଣ ରାସ୍ତାରେ ପାର୍କିଂ କରିଥା’ନ୍ତି ତେବେ ଦୟାକରି ସ୍ୱଇଚ୍ଛାରେ ହଟାଇ ନେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଉଛି। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

● ବେଆଇନ ବାଲି ଓ ପଥର ଚାଲାଣ

## ୫୨ ଦିନରେ ୬୩ ମାମଲା; ୫୯ ଗିରଫ

**ପୁରୀ,୨୩।୨(ସମିସ):** ପୁରୀ ଜିଲ୍ଲାରେ ବଆଇନ ବାଲି ଓ ପଥର ଖନନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଚଳିତବର୍ଷ ଆରମ୍ଭରୁ ବିଶେଷ ଅଭିଯାନ ଚାଲିଛି। ଅର୍ଥାତ୍ ଗତ ୫୨ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ ବାଲି ଓ ପଥର ଖନନ ଏବଂ ଚାଲାଣ ସମ୍ପର୍କିତ ୬୩ଟି ମାମଲା ରୁଜୁ କରାଯାଇଛି। ଏହି ସମସ୍ତ ମାମଲାର ତଦନ୍ତ କରାଯାଇ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ବେଆଇନ କାର୍ଯ୍ୟରେ ନିୟୋଜିତ ୭୩ଟି ଗାଡ଼ି ଓ ୨ଟି ଜେସିବି ମେସିନ୍ ଜବତ କରାଯାଇଛି। ଏହା ସହିତ ୧୪ଟି ଗାଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଏହି ବେଆଇନ ଚାଲାଣ ଉପରେ ରୋକ୍ ଲାଗିପାରୁ ନାହିଁ। ଚଳିତ ବର୍ଷ ଏପର୍ଯ୍ୟନ୍ତ ରୁଜୁ ହୋଇଥିବା ୬୩ଟି ମାମଲା ଏହି ଅଭିଯାନର ତୀବ୍ରତାକୁ ସ୍ପଷ୍ଟ କରୁଛି। ପୂର୍ବ ବର୍ଷରେ ମୋଟ ୧୪୬ଟି ବେଆଇନ ଖନନ ସମ୍ପର୍କିତ ମାମଲା ରୁଜୁ ହୋଇଥିବାବେଳେ ଚଳିତ ବର୍ଷ ଆରମ୍ଭରୁ ଏହି ଅଭିଯାନକୁ ଆହୁରି ଜୋର୍‌ଦାର କରାଯାଇଛି। ଏହି ବିଶେଷ ଅଭିଯାନକୁ ଜିଲ୍ଲାର ସମସ୍ତ ୪ଟି ସବ୍ ଡିଭିଜନ୍(ସିଟି ସବ୍‌ଡିଭିଜନ୍, ପିପିଲି ସବ୍‌ଡିଭିଜନ୍, ନିମାପଡ଼ା ସବ୍‌ଡିଭିଜନ୍ ଓ ସଦର ସବ୍‌ଡିଭିଜନ୍)ରେ ସମନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇଛି। ଅନଧିକୃତ ଭାବେ ବାଲି ଓ ପଥର ପରିବହନ କରୁଥିବା ଯାନବାହନ ଜବତ ସହ ଖନନ କାର୍ଯ୍ୟରେ ବ୍ୟବହୃତ ମେସିନ୍, ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ଜବତ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆଇନଗତ ପଦକ୍ଷେପ ଗ୍ରହଣ ହେଉଛି। ବେଆଇନ ବାଲି ଓ ପଥର ଖନନ ପରିବେଶ ପାଇଁ ଗୁରୁତର ହାନୀକାରକ ହେବା ସହ ନଦୀପଥର ପରିବର୍ତ୍ତନ, ଭୂଗର୍ଭ ଜଳସ୍ତର କମିବା ଓ ପ୍ରାକୃତିକ ସମତାକୁ ବ୍ୟାହତ କରୁଛି। ଏହି ପ୍ରକାର ଅପରାଧ ପ୍ରତି କୌଣସି ପ୍ରକାର ସୁଯୋଗ ଦିଆଯିବ ନାହିଁ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ତଥାପି ଲାଗିପାରୁନି ରୋକ୍; ବଢୁଛି ବେଆଇନ ଚାଲାଣ**

## ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

**ପୁରୀ,୨୩।୨(ସମିସ):** ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଶନିବାର ମା’ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ପେନ୍‌ସନଭୋଗୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ୨୦୨୦ ଜାନୁଆରୀରୁ ୨୦୨୧ ଜାନୁଆରୀ ପର୍ଯ୍ୟନ୍ତ ୩ କିସ୍ତି ମହଙ୍ଗା ଭତ୍ତା ପନ୍‌ସନ ଭୋଗୀମାନଙ୍କୁ ଏ ପର୍ଯ୍ୟନ୍ତ ପ୍ରଦାନ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରି ଏହା ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ଏତଦ୍‌ବ୍ୟତୀତ ପୂର୍ବଭଳି ୫୦ ପ୍ରତିଶତରୁ ମହଙ୍ଗା ଭତ୍ତା ଅଧିକ ହୋଇଥିବାରୁ ୫୦ ପ୍ରତିଶତ ପେନ୍‌ସନ ଭାବେ ପ୍ରଦାନ କରିବା ଓ ପୂର୍ବ ବେତନ କମିଶନ ଭଳି ଅଷ୍ଟମ ବେତନ କମିଶନଙ୍କୁ ପେନ୍‌ସନ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେବା ସହିତ ବରିଷ୍ଠ ନାଗରିକମାନଙ୍କୁ ରେଳ ଯାତ୍ରାରେ ପାଉଥିବା ରିଆତି ପୁନଃ ପ୍ରଚଳନ କରିବା ଆଦି ଦୀର୍ଘଦିନ ଧରି ଦିଆଯାଇଥିବା ସୁବିଧା ପ୍ରଦାନ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ବେହେରା ଦାବି କରିଛନ୍ତି। ଆଲୋଚନାରେ ସର୍ବଶ୍ରୀ ଲକ୍ଷ୍ମୀଧର ମିଶ୍ର, ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ବାଇଧର ଜେନା, ସୁରେନ୍ଦ୍ର ନାଥ ଦାସ, ମିନତି ଓତା, ଅଞ୍ଜଳି ରଥ ଓ ସତ୍ୟବାଦୀ ଦାଶ ଅଂଶଗ୍ରହଣ କରିଥିଲେ। ବିଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିଗୁଆଳି ପଞ୍ଚାୟତରେ ସ୍ୱଚ୍ଛତା ଫେଲ୍

## ରାସ୍ତାକଡ଼ରେ ଜମିଛି ଆବର୍ଜନା; ଉଦ୍‌ବେଗ ପ୍ରକାଶ କଲା ଆପ୍

**ପୁରୀ,୨୩।୨(ସମିସ):** ସ୍ୱଚ୍ଛତାକୁ ଏବେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସରକାର ମଧ୍ୟ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଅନେକ ଜାଗାରେ ଏ ବାବଦରେ ଆସୁଥିବା ଖର୍ଚ୍ଚ ଠିକଣା ବାଟରେ ଲାଗୁନାହିଁ। ଅନେକ ସମୟରେ ବାଟମାରଣା ହେଉଛି। ଏମିତି ବିଭିନ୍ନ ପଞ୍ଚାୟତରେ ମାଳମାଳ ଅଭିଯୋଗ ହୋଇଆସୁଛି। ହେଲେ ପଞ୍ଚାୟତର ଜନପ୍ରତିନିଧି ଏବଂ ସରକାରୀ କର୍ମଚାରୀମାନେ ଯଦି ଏ ଦିଗରେ ବିଶେଷ ଧ୍ୟାନ ରଖନ୍ତେ ତେବେ ପୌରାଞ୍ଚଳ ଏବଂ ସହରାଞ୍ଚଳ ଭଳି ମଧ୍ୟ ପଞ୍ଚାୟତ ସ୍ୱଚ୍ଛ ଏବଂ ସୁନ୍ଦର ରହିପାରିବ। ଏମିତି ବି ରାଜ୍ୟର ବିଭିନ୍ନ ପଞ୍ଚାୟତ ଆଜି ସ୍ୱଚ୍ଛତା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମାତ୍ର ପୁରୀ ସହର ଉପକଣ୍ଠ ବାଲିଗୁଆଳି ପଞ୍ଚାୟତରେ ସ୍ୱଚ୍ଛତା କିନ୍ତୁ ଫେଲ୍ ମାରିଛି। ପୁରୀ ସହରକୁ ଲାଗି ରହିଥିବା ଏହି ପଞ୍ଚାୟତର ରାସ୍ତାଘାଟ ଦେଖିଲେ ସ୍ୱଚ୍ଛତାର ବାସ୍ତବ ଚିତ୍ର ସ୍ପଷ୍ଟ ଜଣାପଡୁଛି। ରାସ୍ତାକଡ଼ରେ ଅଳିଆ ଆବର୍ଜନା ଜମି ରହିଥିବା ବେଳେ ଏହାକୁ ସଫା କରାଯାଉନାହିଁ। ଏ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ସୋମବାର ଏ ସଂକ୍ରାନ୍ତରେ ଆପ୍ ଜିଲ୍ଲା



ସଭାପତି ସଞ୍ଜୀବ କୁମାର ମହାନ୍ତି ବାଲିଗୁଆଳି ପଞ୍ଚାୟତ ଅଫିସରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବାଲିଗୁଆଳି ପଞ୍ଚାୟତ ପୁରୀ ସଦର ବ୍ଲକ୍‌ର ଏକ ସ୍ୱତନ୍ତ୍ର ପରିଚୟ। ଜନସଂଖ୍ୟା ହେଉ ବା ସାମାଜିକ ଅଥବା ଆର୍ଥିକସ୍ଥିତି ଅନୁସାରେ ଏହା ଏକ ଆଗଧାଡ଼ିର ପଞ୍ଚାୟତ। ଏହି ପଞ୍ଚାୟତରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲଠାରୁ ଆରମ୍ଭ କରି ଅନେକ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ପ୍ରକଳ୍ପ ରହିଛି। ହେଲେ ଦୁର୍ଭାଗ୍ୟର ବିଷୟ ହେଉଛି ଏହି ଅଞ୍ଚଳର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ। ଫେଲ୍ ମାରିଛି ବାଲିଗୁଆଳି ପଞ୍ଚାୟତର ସ୍ୱଚ୍ଛତା। ରାସ୍ତାକଡ଼ରେ ଅଳିଆଆବର୍ଜନା ଗଦା ହୋଇ ରହୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାବେଳେ ସ୍ଥାନୀୟବାସୀ ଏଭଳି ସ୍ଥିତିକୁ ଦେଖି କ୍ଷୋଭପ୍ରକାଶ କରୁଛନ୍ତି। ବର୍ଷାଦିନେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବିଶେଷକରି ପୁରୀରୁ କୋଣାର୍କ ଯାତାୟାତ କରୁଥିବା ପର୍ଯ୍ୟଟକମାନେ ନାକ ଟେକୁଛନ୍ତି। ଏ ନେଇ ପଞ୍ଚାୟତରେ ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୬ ଗିରଫ



**ପୁରୀ,୨୩।୨(ସମିସ):** ସୋମବାର ଜୁଆ ଆଡ୍ଡାରେ ଚଢ଼ଉ କରି ତାଳବଣିଆ ଥାନା ପୁଲିସ ୩ ଜଣ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସାଇନା ସ୍ୱାଇଁ, ନନ୍ଦୁ ସ୍ୱାଇଁ, ଜୟ ଦାଶ, ମାମି ବାରିକ, ଲକ୍ଷ୍ମୀ ସ୍ୱାଇଁ ଓ ବିଜୟଲକ୍ଷ୍ମୀ ସାହୁ। ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୦୬ଟି କାର୍ଡ, ୩ଟି ମୋବାଇଲ୍ ଫୋନ୍ ଏବଂ ୬୯୦୧ ଟଙ୍କା ଜବତ କରିଛି। ଏନେଇ ତାଳବଣିଆ ଥାନା ପୁଲିସ କେସ୍ ନଂ ୬୨/୨୪ରେ ଏକ ମାମଲା ରୁଜୁ କରିଛି। ପୁଲିସର ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣ ସମୟରେ ତାଳବଣିଆ ପୁଲିସ ପକ୍ଷରୁ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୩୦ରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ କି ଭୂଦାନ ନିକଟସ୍ଥ କାଜୁ ଜଙ୍ଗଲରେ କିଛି ଲୋକ ଜୁଆ ଖେଳୁଛନ୍ତି। ଖବର ପାଇ ପୁଲିସର ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ଉ କରି ବେଆଇନ ଭାବରେ ଜୁଆ ଖେଳିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ସେମାନେ ବେଆଇନ ଭାବରେ ଜୁଆ ଖେଳୁଥିବା ସ୍ୱୀକାର କରିଥିଲେ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିବା ସହ ନୋଟିସ୍ ଦିଆଯାଇଛି।

## ବିଶ୍ୱନାଥ ମିଶ୍ରଙ୍କୁ ସେବା ସମ୍ମାନ

**ପୁରୀ,୨୩।୨(ସମିସ):** ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ୍‌ମୁକ୍ତ ପୁରୀ ସେବା ପାଇଁ ସମାଜସେବୀ ତଥା ନିର୍ମାଲ୍ୟ ସମ୍ପାଦକ ଡ. ବିଶ୍ୱନାଥ ମିଶ୍ରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସେବା ସମ୍ମାନରେ ସମ୍ମାନିତ କରିଛନ୍ତି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସର ଜୟଦେବ ଭବନ ସମ୍ମିଳନୀ କକ୍ଷରେ ରବିବାର




ଆୟୋଜିତ ରାଜ୍ୟସ୍ତରୀୟ ରକ୍ତଦାନ ସମାବେଶରେ ଡ. ମିଶ୍ରଙ୍କୁ ମନ୍ତ୍ରୀ ଏହି ସେବା ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଡ. ମିଶ୍ର ବୃକ୍ଷରୋପଣ, ବେଳାଭୂମି ସଫେଇ ସହ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥା’ନ୍ତି।

ବିଏଫ୍-୦୭ କ୍ଲାସିକ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ସୋମନାଥ ଜାଲି ଚାମ୍ପିଅନ୍ସ ଅଫ୍ ଚାମ୍ପିଅନ୍ସ

**ପୁରୀ,୨୩।୨(ସମିସ):** ‘ଭବାନୀ ଫିଟ୍‌ନେସ’ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଏଫ୍-୦୭ କ୍ଲାସିକ ଚାପ୍ଟର-୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚାମ୍ପିଅନ୍ସ ଅଫ୍ ଚାମ୍ପିଅନ୍ସ ହୋଇଛନ୍ତି ସୋମନାଥ ଜାଲି। ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ତାଙ୍କୁ ୩୧ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ମେଡାଲ ଦିଆଯାଇ ପୁରସ୍କୃତ କରାଯାଇଛି। ଟାଉନ୍ ହଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରମୁଡ଼ା ଚାମ୍ପିଅନ୍ସ ହୋଇଛନ୍ତି ଦୀପକ




କୁମାର ଦାଶ। ଡେନିମ୍ ଜିନ୍ସ ଚାମ୍ପିଅନ ହୋଇଛନ୍ତି ରୁଦ୍ରନାରାୟଣ ମାହାଲି। ମହିଳା ବର୍ଗରେ ଓମେନ୍ ଗ୍ଲାମର ବିଜେତା ହୋଇଛନ୍ତି ଲକ୍ଷ୍ମୀପ୍ରିୟା ପାତ୍ର। ସ୍ୱତନ୍ତ୍ର ବର୍ଗରେ ବିଜେତା ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ଏଥିସହ ୧୧ଟି ବର୍ଗରେ ପ୍ରଥମରୁ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫୧୦୦ ଟଙ୍କା, ୩୧୦୦ ଟଙ୍କା, ୨୧୦୦ ଟଙ୍କା ଲେଖାଏଁ ଅର୍ଥରାଶି ସହ ଟ୍ରଫି, ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ସଦର ଥାନା ଅଧିକାରୀ ସୁନୀଲ ପ୍ରଧାନ, ସାମାଜିକ କର୍ମୀ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜେଶ କୁମାର ମହାନ୍ତି, ବିଶ୍ୱନାଥ ମିଶ୍ର, ମନୋଜ ରଥ, ଅନିଲ କୁମାର ସାହୁ, ଆଦର୍ଶ କୁମାର, ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୀୟୂଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଜିମ୍‌ର ମୁଖ୍ୟ ଭବାନୀ ଶଙ୍କର ସାହୁଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରଞ୍ଜନ ମହାନ୍ତି, ଆଦର୍ଶ କୁମାର ପ୍ରଧାନ, ପବିତ୍ର ରଥ ଓ ଚନ୍ଦନ ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

■ ବାଲିଉପର ବସ୍ତିରେ ଆମ ପୁଲିସ ବୈଠକ

## ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କଲେ ଅଞ୍ଚଳବାସୀ



**ପୁରୀ,୨୩।୨(ସମିସ):** କୁମ୍ଭାରପଡ଼ା ଥାନା ଅଧୀନ ବାଲିଉପର ବସ୍ତିରେ ସୋମବାର ‘ଆମ ପୁଲିସ’ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ଯୁବସଂଘ ସଦସ୍ୟ ଓ କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମ୍ପୃକ୍ତ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି, ନିଶା ନିୟନ୍ତ୍ରଣ, ଟ୍ରାଫିକ୍ ସୁବିଧା, ସାଇବର ଠକେଇ ସଚେତନତା ଓ ସାମାଜିକ ସୁରକ୍ଷା ବିଷୟରେ ବିସ୍ତୃତ ଭାବେ ମତବିନିମୟ ହୋଇଥିଲା। ସିଟି ଡିଏସ୍‌ପି ଜନସାଧାରଣଙ୍କୁ ପୁଲିସ ସହିତ ସମନ୍ୱୟ ରଖି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, କୌଣସି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇଲେ ସଙ୍ଗେ ସଙ୍ଗେ ପୁଲିସକୁ ଅବଗତ କରାନ୍ତୁ। ବସ୍ତିରେ ବସ୍ତିମିତ୍ର ଗଠନ କରିବା, ଗଳିକନ୍ଦିରେ ମୋଟର ସାଇକଲ ପାଟ୍ରୋଲିଂ କରିବା ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ନିଜ ଅଞ୍ଚଳର ସମସ୍ୟା ଓ ପ୍ରସ୍ତାବଗୁଡ଼ିକ ପୁଲିସ ପ୍ରଶାସନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପୁଲିସ ପକ୍ଷରୁ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦିଆଯାଇଥିଲା। ଏହି ବୈଠକ ମାଧ୍ୟମରେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥିଲା। ଏହି ଅବସରରେ ଆମ ପୁଲିସର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଲୋକମାନଙ୍କୁ ଅବଗତ କରାଯାଇଥିଲା।

ଗୋବିନ୍ଦ ଦ୍ୱାଦଶୀ ସ୍ନାନ ପ୍ରସ୍ତୁତି ବୈଠକ

# ପୂର୍ବାହ୍ଣ ୧୦ଟା ୧୮ ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ହେବ ସ୍ନାନ

**ପୁରୀ,୨୩।୨(ସମିସ):** ଶାସ୍ତ୍ରୀୟ ମର୍ଯ୍ୟାଦାର ସହ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆସନ୍ତା ୨୮ ତାରିଖରେ ପୁରୀ ମହୋଦଧିରେ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ନିମନ୍ତେ ଏକ ସମନ୍ୱୟ ବୈଠକ ସୋମବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏହି ଆଧ୍ୟାତ୍ମିକ ସ୍ନାନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପନ୍ନ ପାଇଁ ଅନୁରୋଧ କରିଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ପାଳନ ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଏହି ଅଲଭ୍ୟ ସ୍ନାନରେ ସମସ୍ତେ ସାମିଲ୍ ହେବା ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତିର ସଂଯୋଜକ ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ସମ୍ପର୍କରେ ବିଷଦ୍ ସୂଚନା ଦେଇ ଆସନ୍ତା ୨୮ ତାରିଖରେ ଶ୍ରୀକ୍ଷେତ୍ର ମହୋଦଧିରେ କୁମ୍ଭ ରାଶିରେ ସୂର୍ଯ୍ୟଙ୍କର ଅବସ୍ଥାନ ସହ ଗୋବିନ୍ଦ ଦ୍ୱାଦଶୀ ପବିତ୍ର ସ୍ନାନ ଯୋଗ ରହୁଛି ବୋଲି କହିଥିଲେ। ୨୮ ତାରିଖ ସକାଳ ସାଢ଼େ ୮ଟାରୁ ଏମାର ମଠ ଚକଡ଼ାଠାରୁ ଏକ ଭବ୍ୟ ଶୋଭାଯାତ୍ରା ସ୍ୱର୍ଗଦ୍ୱାର ସମ୍ମୁଖ ଶ୍ରୀନାରାୟଣ ବିଜେଘାଟରେ ପହଞ୍ଚିବ। ସେଠାରେ ପୂର୍ବାହ୍ଣ ୧୦ଟା ୧୮ ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଅମୃତ ବେଳାରେ ସ୍ନାନ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

ସିଂହଦ୍ୱାର ସମ୍ମୁଖରୁ ଯାତ୍ରା ଆରମ୍ଭ ସମୟରେ ବଡ଼ଛତା ମଠର ମହାବୀରଙ୍କ ସହିତ ସମସ୍ତ ମଠ ସମ୍ପ୍ରଦାୟର ସନ୍ଥ, ମହନ୍ତ ଓ ନିଶାଣଙ୍କ ସହିତ ଶୋଭାଯାତ୍ରାରେ ସାମିଲ୍ ହେବେ। ସ୍ନାନ ପୂର୍ବରୁ ବରୁଣ ଦେବତାଙ୍କ ଅଭିଷେକ ଓ ପୂଜାର୍ଚ୍ଚନା ସହିତ ନାମ କୀର୍ତ୍ତନ କରି ସ୍ନାନ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନି ନିର୍ବାପକ, ଲାଇଫ୍ ଗାର୍ଡ ମୁତୟନ, ଆମ୍ବୁଲାନ୍ସ, ବ୍ୟାଟେରି ଗାଡ଼ି, ସଂକୀର୍ତ୍ତନ ଦଳ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ଅତିରିକ୍ତ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ବିଭାଗର ଅଧିକାରୀ, ସୁଆର ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ନାରାୟଣ ରାମାନୁଜ ଦାଶ, ଶ୍ରୀନିବାସ ଦାଶ, ନରେନ୍ଦ୍ର ମହାନ୍ତି, କୃଷ୍ଣ ଚନ୍ଦ୍ର ଦାସ, ମନୋଜ ଦାସ, ଶେଖର ସାମନ୍ତରା, ଜୟନ୍ତ ମହାସୁଆର, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଛାତ୍ର ମୃତ୍ୟୁ ଘଟଣା | ନ୍ୟାୟ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ

ନୟାଗଡ଼,୨୩।୨(ସମିସ)



● ପୁଲିସ ସହ ଧସ୍ତାଧସ୍ତି, ଧସେଇ ପଶିବାକୁ ଉଦ୍ୟମ
● ଶିକ୍ଷୟିତ୍ରୀଙ୍କୁ ଗିରଫ, ୫୦ ଲକ୍ଷ କ୍ଷତିପୂରଣ ଦାବି

ଦୁଇ ଶିକ୍ଷୟିତ୍ରୀଙ୍କୁ ଗିରଫ ଓ ୫୦ ଲକ୍ଷ କ୍ଷତିପୂରଣ ଦାବିରେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛି ଭୀମ୍ ଆର୍ମି। ଗଣିଆ ବ୍ଲକ୍ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ଜାତିଆଣ ଆକ୍ଷେପ ଏବଂ ଦାୟିତ୍ୱରେ ଅବହେଳା ପାଇଁ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଭୀମ୍ ଆର୍ମି ଏବଂ ଆମ୍ବେଦକର୍ ଜନତା ପାର୍ଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ଦିନତମାମ ବିକ୍ଷୋଭ ପଦର୍ଶନ କରିଛନ୍ତି। ସଂଗଠନର ଶତାଧିକ ସଦସ୍ୟ ଏବଂ ମୃତ ଛାତ୍ରଙ୍କ ପରିବାର ଲୋକେ ନ୍ୟାୟ ପାଇଁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ଗତ ୩ ତାରିଖ ଶୌଚ ଯିବାକୁ କହି ବିଦ୍ୟାଳୟରୁ ଆସିଥିବା ବେଳେ ଆଉ ଫେରି ନ ଥିଲେ। ୪ ତାରିଖ ଏକ ଖୋଲା କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଅକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସେହିଦିନଠାରୁ ପରିବାର ଲୋକେ ପୁଅକୁ ନ୍ୟାୟ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଗତ ଶୁକ୍ରବାର ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ବିଡିଓ ଲବଣ୍ୟେନ୍ଦୁ ମହାନ୍ତି, ଥାନା ଅଧିକାରୀ ଟଙ୍କଧର ଛତ୍ରିୟା, ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଦୀର୍ଘ ସମୟ ଧରି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ଚାଲିଥିବା ବେଳେ ଖୁବଶୀଘ୍ର ନ୍ୟାୟ ମିଳିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ସହ ବିଦ୍ୟାଳୟ ଖୋଲିବାକୁ ଅନୁରୋଧ କରିଥିଲେ। କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବୁ ନାହିଁ ବୋଲି ପରିବାର ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଜିଲ୍ଲାପାଳ ଉପାୟଶୂନ୍ୟ ହୋଇ ଫେରି ଆସିଥିଲେ। ଭୋଳାନାଥଙ୍କୁ କେହି ମାରି ସେଠାରେ ଫୋପାଡ଼ି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଅର ମୃତ୍ୟୁ ପାଇଁ ଶିକ୍ଷୟିତ୍ରୀମାନେ ଦାୟୀ ଏବଂ ସେମାନଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ଜିଲ୍ଲାପାଳ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଭୀମ୍ ଆର୍ମି ପକ୍ଷରୁ କୁହାଯାଇଛି। ଭୋଳାନାଥ ଅନୁସୂଚିତ ଜାତିର ହୋଇଥିବାରୁ ଶିକ୍ଷୟିତ୍ରୀମାନେ ତାଙ୍କୁ ବିଦ୍ୟାଳୟ ଶୌଚାଳୟ ବ୍ୟବହାର କରିବାକୁ ଦେଇ ନ ଥିଲେ ଏଥିପାଇଁ ସେ ଶୌଚ ପାଇଁ ବାହାରକୁ ଯିବାକୁ ବାଧ ହୋଇଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ, ପାଣିରେ ବୁଡ଼ି ଭୋଳାନାଥଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି।

ଆଜି ଶହ ଶହ ଲୋକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚିଥିଲେ। ସେଠାରେ ଫାଟକ ଭାଙ୍ଗି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମସ୍ତେ ଧାରଣାରେ ବସି ରହିଛନ୍ତି। ଜିଲ୍ଲାପାଳ ରଣପୁର ଜନଶୁଣାଣିକୁ ଯାଇଥିବାରୁ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ଜିଦରେ ଅଟଳ ରହିଥିଲେ। ସନ୍ଧ୍ୟାରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ବିଭିନ୍ନ ଥାନା ଅଧିକାରୀ ବୁଝାସୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଓ ବିକ୍ଷୋଭ ଜାରି ରହିଛି। ବିକ୍ଷୋଭକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା ଜାତୀୟ ରାଜପଥ ଅବରୋଧ କରିଥିଲେ।

# ଶିକ୍ଷକଙ୍କୁ ଘାରିଛି ମଧ୍ୟାହ୍ନଭୋଜନ ନିଶା

**ଗଣିଆ,୨୩।୨(ସମିସ):** ପିଲାଙ୍କୁ ବିଦ୍ୟାଳୟାଭିମୁଖୀ କରିବା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଦ୍ୟାଳୟଗୁଡ଼ିକୁ ଆସୁଥିବା ବିଭିନ୍ନ ଯୋଜନା ମଧ୍ୟରେ ମଧ୍ୟାହ୍ନଭୋଜନ ଯୋଜନା ଅନେକ ଫଳପ୍ରଦ ହୋଇପାରିଛି। ତେବେ ଏହି ଯୋଜନା ଏବେ ଏହାର ପ୍ରକୃତ ଲକ୍ଷ୍ୟରୁ ଦୂରେଇବାରେ ଲାଗିଛି। ବିଭାଗୀୟ ଅଧିକାରୀ ଦୈନିକ ତଦାରଖ କରୁ ନ ଥିବାରୁ ଦୈନିକ ଉପସ୍ଥାନଠାରୁ ଅଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଦର୍ଶାଇ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟାହ୍ନଭୋଜନ ଖାଉଛନ୍ତି। ଏହା ଏବେ ଏକ ବ୍ୟାଧିରେ ପରିଣତ ହେଲାଣି। ଗଣିଆ ବ୍ଲକର ଅନେକ ବିଦ୍ୟାଳୟରେ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଛାତ୍ରଛାତ୍ରୀମାନେ ସରକାରଙ୍କ ତାଲିକା ଅନୁସାରେ ରୋଷେଇ ହେଉଥିବା ଖାଦ୍ୟ ଖାଉଥିବା ବେଳେ ଶିକ୍ଷକମାନଙ୍କ ପାଇଁ ପ୍ରତିଦିନ କିଛି ନା କିଛି ସ୍ୱତନ୍ତ୍ର ରୋଷେଇ ହେଉଛି। ଅଣ୍ଡା ପାଳିରେ ଶିକ୍ଷକମାନଙ୍କ ପାଇଁ ମାଛ କିମ୍ବା ମାଂସ ରୋଷେଇ ହେଉଥିବା ଜଣାପଡ଼ିଛି। ଯାହାକି ପିଲାଙ୍କ ଉପରେ କୁପ୍ରଭାବ ପଡୁଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହଭାଗିତାରେ ଚାଲିଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଆଉ ଗୋଟିଏ କଥା ହେଲା ପ୍ରତ୍ୟେକ ଦିନ କେତେଜଣ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ତାହା ଏକ ନିର୍ଦ୍ଦିଷ୍ଟ ଆପ୍‌ରେ ଅପଲୋଡ୍ କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଥିଲେ ମଧ ।ହା କାର୍ଯ୍ୟକାରୀ ହେଉନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। କେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଯେଉଁଦିନ ପଡ଼ିବା କଥା ନ ପଡ଼ି ମନଇଚ୍ଛା ପଡୁଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ଜଣେ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ବଣ୍ଟନ କରାଯାଇଥିବା ବେଳେ ସେମାନେ ତଦାରଖ କାହିଁକି କରୁନାହାନ୍ତି ତାହା ତଦନ୍ତ ସାପେକ୍ଷ। ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ | ଦିନଟେ ଚଢ଼ଉ କରି ପ୍ରଶାସନ ଚୁପ୍

**ନୟାଗଡ଼,୨୩।୨(ସମିସ):** ରାସ୍ତାକଡ଼କୁ କବ୍ଜା କରୁଛି ଭାରୀଯାନ। ବସ, ଟ୍ରକ, ଅନ୍ୟାନ୍ୟ ଭାରୀଯାନ ପାର୍କିଂକୁ ସାତଖୁଣ ମାଫ କରାଯାଉଥିବା ବେଳେ ବାଇକଗୁଡ଼ିକ ପୁଲିସ ପାଇଁ ସମସ୍ୟା ସୃଷ୍ଟି କରୁଛି। ବଡ଼ ଗାଡ଼ି, ବଡ଼ ମାଲିକଙ୍କ ପ୍ରତି ଅହେତୁକ ଅନୁକମ୍ପା ଥିବା ବେଳେ ସାଧାରଣ ଲୋକଙ୍କୁ ନୀତିନିୟମ ପଢ଼ାଯାଉଛି। ବାଇକ୍ ପାର୍କିଂ ସମସ୍ୟା ସହରକୁ ନାକେଦମ କରି ସାରିଥିବା ବେଳେ ସହର ମଧ୍ୟରେ ମୁଖ୍ୟରାସ୍ତା କଡ଼ରେ ମିନିବସ୍, ଅଟୋ ଭଳି ଯାନବାହାନ ବେଆଇନ ଭାବେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ରାସ୍ତା ଜାମ୍ ହେବା ସହ ବହୁ ସମୟରେ ଦୁର୍ଘଟଣା ମଧ ଘଟୁଛି। ନୟାଗଡ଼ ସହରରେ ଦୁଇଚକିଆ ଗାଡ଼ି ପାର୍କିଂ ସମସ୍ୟାକୁ ସାମୟିକ ଭାବେ ସମାଧାନ କରିବାକୁ ପୁରୁଣା ଜେଲ ପଡ଼ିଆରେ ବ୍ୟବସ୍ଥା ହୋଇଛି। ମାତ୍ର ଏହାକୁ ବ୍ୟବହାର କରିବା ପରିବର୍ତ୍ତେ ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ ସମସ୍ୟା ବୃଦ୍ଧି କରୁଛି। ସହରର କଲେଜ ରୋଡ ସମେତ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ, ଖଣ୍ଡପଡ଼ା ରୋଡ ଅଞ୍ଚଳରେ ବେଆଇନ ପାର୍କିଂ ଅଧିକ ଦେଖିବାକୁ ମିଳୁଛି। ସନ୍ଧ୍ୟାବେଳେ ବଜାରକୁ ଆସୁଥିବା ଲୋକେ ପାର୍କିଂ ସ୍ଥାନକୁ ନ ଯାଇ ବିଭିନ୍ନ ଦୋକାନ ଓ ମଲ୍ ଆଗରେ ଗାଡ଼ି ରଖି ବୁଲୁଛନ୍ତି। ସେହି ସ୍ଥାନରେ ଡ୍ୟୁଟି କରୁଥିବା ପୁଲିସ କର୍ମଚାରୀମାନେ ମୋବାଇଲରେ ଗାଡ଼ି ନମ୍ବର ପ୍ଲେଟର ଫଟୋ ଉଠାଇ ଜରିମାନା ପକାଉଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନୟାଗଡ଼ ସହର ମୁଖ୍ୟ ଟ୍ରାଫିକ ଛକ ସାମ୍ନାରେ ଥିବା ହୋଟେଲଗୁଡ଼ିକ ଆଗ, କେସି କ୍ଲବ ସାମ୍ନା, ପାର୍କ ସାମ୍ନା, ଲେମ୍ବୁ ଛକରୁ ଓଡ଼ଗାଁ ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ମାତ୍ରାଧିକ ବାଇକ ପାର୍କିଂ କରାଯାଉଛି। ପାର୍କିଂ ପାଇଁ ଚିହ୍ନଟ ସ୍ଥାନକୁ ନ ଯାଇ ରାସ୍ତା ପାଶ୍ୱର୍ରେ ବେଆଇନ ପାର୍କିଂ ଅନ୍ୟମାନଙ୍କ ପାଇଁ ସମସ୍ୟା ବୃଦ୍ଧି କରୁଛି। ଭାରୀଯାନଗୁଡ଼ିକ ବେଆଇନ ପାର୍କିଂକୁ ଏଡ଼ାଇବା ପାଇଁ ପୌର ପରିଷଦର ଏକ ଟିମ୍, ତହସିଲଦାର ଓ ଆଞ୍ଚଳିକ ପରିବହନ ବିଭାଗ ଗୋଟିଏ ଦିନ ଚଢ଼ଉ କରି ଚୁପ ବସିଯିବା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଉପହାସ କରୁଛି। ଏହା କେବଳ ଲୋକଦେଖାଣିଆ ବୋଲି ଆଲୋଚନା ହେଉଥିବା ବେଳେ ପୂର୍ବବତ ରାସ୍ତା ପାଶ୍ୱର୍ରେ ଭାରୀଯାନ ପାର୍କିଂ କରାଯାଉଛି।

# ହାଇୱା ଧକ୍କାରେ ଯୁବକ ଗୁରୁତର

**ରଣପୁର,୨୩।୨(ସମିସ):** ରଣପୁର ବ୍ଲକ ରାଜସୁନାଖଳାରେ ହାଇୱା ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବଧିପାଟଣା ଗ୍ରାମର ଜ୍ଞାନରଞ୍ଜନ ସାହୁ (୩୨)। ଜ୍ଞାନରଞ୍ଜନ ନିଜ ଗ୍ରାମକୁ ଯାଉଥିବାବେଳେ ବିପରୀତ ପାଶ୍ୱର୍ରୁ ଆସୁଥିବା ଏକ ହାଇୱା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ରାଜସୁନାଖଳାରେ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଢେଙ୍କାନାଳ ପପୁଲାର କ୍ଲବ ବିଜୟୀ

**ଖଣ୍ଡପଡ଼ା,୨୩।୨(ସମିସ):** ଖଣ୍ଡପଡ଼ା ସହର ମଧୁବନ ମିନି ଷ୍ଟାଡିୟମରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଅନୁଷ୍ଠିତ ୨ୟ ମ୍ୟାଚରେ ଢେଙ୍କାନାଳ ପପୁଲାର କ୍ଲବ ଘାଟିକିଆ ବଜରଙ୍ଗୀ କ୍ଲବକୁ ୩-୧ ଗୋଲରେ ପରାସ୍ତ କରିଛି। ରେଫରୀ ପ୍ରସନ୍ନ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ସରୋଜ କୁମାର ମହାରଣା ଓ ବିଦ୍ୟାଧର ନାୟକ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ କ୍ରୀଡ଼ା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର



ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡା, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ସମାଜସେବୀ ଅଖିଳ କୁମାର ମହାରଣା, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର କଟକ ବାପୁଜୀ କ୍ଲବ ଓ ଖଣ୍ଡପଡ଼ା ସ୍ପୋର୍ଟ୍ସ ଆସୋସିଏସନ ମଧ୍ୟରେ ୩ୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ତଥା ବରିଷ୍ଠ କ୍ରୀଡ଼ାବିତ ଭିକାରୀ ଖଣ୍ଡାୟତ ସୂଚନା ଦେଇଛନ୍ତି।

# ନୀଳମାଧବ ପୀଠ: ଲିଫ୍ଟ କାହାପାଇଁ?

**କଣ୍ଟିଲୋ,୨୩।୨(ସମିସ):** ବ୍ରହ୍ମାଦ୍ରୀ ପାହାଡ଼ ଶିଖରରେ ଅଧିଷ୍ଠିତ ଶ୍ରୀ ନୀଳମାଧବଙ୍କ ଦର୍ଶନ ନିମନ୍ତେ ପଶ୍ଚିମ ଦ୍ୱାରରେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେଉଥିବା ଲିଫ୍ଟ ପ୍ରୋଜେକ୍ଟକୁ ବିଦ୍ୟୁତ ସଂଯୋଗ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଥିବା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ କୌଣସି କାମରେ ନ ଆସି ଶୋ' କେସ୍ ପାଲଟିଛି। ବୟସ୍କ ତଥା ପାହାଚ ଚଢ଼ିପାରୁ ନ ଥିବା ଶ୍ରଦ୍ଧାଳୁ ଏବେ ବି ପ୍ରଭୁଙ୍କ ଦର୍ଶନ ନ ପାଇ ନିରାଶ ହେବା ସହ ମନ୍ଦିର ତଳୁ ଫେରୁଛନ୍ତି।

ପ୍ରାୟ ବର୍ଷେ ତଳେ ୨୦୨୫ ମାର୍ଚ୍ଚରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନୀଳମାଧବ ମନ୍ଦିର ପରିଦର୍ଶନ ଅବସରରେ ଥରକ ପାଇଁ ଲିଫ୍ଟ ଚାଲୁ କରାଯାଇଥିଲା। ଏହା ପରଠୁ ଏଥିରେ ତାଲା ଝୁଲିଥିଲା। ଏହି ଲିଫ୍ଟ ପ୍ରୋଜେକ୍ଟରେ ୨ଟି ଲିଫ୍ଟ



ସ୍ଥାଣୁ ପାଲଟିଛି ପ୍ରଶାସନ

ବ୍ୟବସ୍ଥା ସହ ୧୨ ଜଣ ଲେଖାଏଁ ଏକାକାଳୀନ ୨୪ ଜଣ ଯାତ୍ରା କରିପାରିବେ ଓ ଏହାର ଉଚ୍ଚତା ୨୨ ମିଟର ରହିଛି। ତେବେ ସ୍ଥାୟୀ ବିଦ୍ୟୁତ ବ୍ୟବସ୍ଥା ହୋଇ ନ ଥିବାରୁ ଦିନକ ପରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିଲା। ନିର୍ମାଣ ସଂସ୍ଥା ଓବିସିସି, ଓ ବିଦ୍ୟୁତ ବିଭାଗ ସହ କଥାବାର୍ତ୍ତା ମଧ୍ୟରେ ବର୍ଷେ ବିତିଗଲା ପରେ ଗତ ସପ୍ତାହ ହେଲା ଲିଫ୍ଟ ନିକଟରେ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ବସାଯିବା ସହ ବିଦ୍ୟୁତ ସଂଯୋଗ କରାଯାଇଛି। କିନ୍ତୁ ଲିଫ୍ଟରେ ପୂର୍ବ ପରି ତାଲା ଝୁଲୁଛି। ସମୟ ବିତିବା ସହ ଉକ୍ତ ଲିଫ୍ଟ ଚାଲୁ ନ ହୋଇ ମଧ ପ୍ରକଳ୍ପରେ ବ୍ୟବହାର ହୋଇଥିବା ଯନ୍ତ୍ରଂଶର ୱାରେଣ୍ଟି ଅବଧି ଶେଷ ହେବାରେ ଲାଗିଛି। ଲିଫ୍ଟ କାର୍ଯ୍ୟକ୍ଷମରେ ଅଯଥା ବିଳମ୍ବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ସ୍ୱତନ୍ତ୍ର ବ୍ଲକ୍ ଦାବି ଜୋରଦାର

# ମନ୍ତ୍ରୀଙ୍କୁ ଭେଟିଲେ ବାହାଡ଼ାଝୋଲା ପ୍ରତିନିଧି ଦଳ

**ଓଡ଼ଗାଁ,୨୩।୨(ସମିସ):** ନୂଆଗାଁ ବ୍ଲକ ତଥା ଓଡ଼ଗାଁ ଥାନା ବାହାଡ଼ାଝୋଲାକୁ ସ୍ୱତନ୍ତ୍ର ପ୍ରଶାସନିକ ବ୍ଲକ୍ ଘୋଷଣା କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୁନର୍ବାର ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବାହାଡ଼ାଝୋଲା ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ଏକ ପ୍ରତିନିଧି ଦଳ ସୋମବାର ଭୁବନେଶ୍ୱରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ପ୍ରତିନିଧିମାନେ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରି



ବାହାଡ଼ାଝୋଲାକୁ ସ୍ୱତନ୍ତ୍ର ବ୍ଲକ୍ ମାନ୍ୟତା ପାଇଁ ଜୋରଦାର ଦାବି ଉଠାଇଥିଲେ। ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ପ୍ରଶାସନିକ ସୁବିଧା ଅଭାବ, ଭୌଗୋଳିକ ଅସୁବିଧା ସହ ଉନ୍ନୟନ କାର୍ଯ୍ୟରେ ବାଧକ ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ନୂଆଗାଁ ବ୍ଲକ ଉପାନ୍ତ ଗ୍ରାମଗୁଡ଼ିକର ଲୋକମାନେ ସରକାରୀ କାର୍ଯ୍ୟାଳୟର ସେବା ପାଇବାରେ ଯେପରି ଅସୁବିଧା ଭୋଗୁଛନ୍ତି, ତାହାକୁ ଯୁକ୍ତିସହ କମିଟି ପକ୍ଷରୁ ଉପସ୍ଥାପନ କରାଯାଇଛି। ପ୍ରତିନିଧି ଦଳରେ କମିଟି ସଭାପତି ନାରାୟଣ ବେହେରାଙ୍କ ସହ ପ୍ରହଲ୍ଲାଦ ସାହୁ, ଇଂ. ପ୍ରଶାନ୍ତ କୁମାର ସାହୁ, ଇଂ. ସୁଶାନ୍ତ କୁମାର ସାହୁ ଓ ଇଂ. ବିଜୟ କୁମାର ସାହୁ ପ୍ରମୁଖ ସାମିଲ ଥିଲେ। ମନ୍ତ୍ରୀ ପୂଜାରୀ ଦାବିର ଗୁରୁତ୍ୱକୁ ଅନୁଭବ କରି ଏ ଦିଗରେ ସକାରାତ୍ମକ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ହୋଟେଲ ଓ ଢାବାରେ ଘରୋଇ ଗ୍ୟାସ ବ୍ୟବହାର

**ଖଣ୍ଡପଡ଼ା,୨୩।୨(ସମିସ):** ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ଅପାରଗତା ଓ ସ୍ଥାଣୁତା ପାଇଁ ଖଣ୍ଡପଡ଼ା ସହର ସମେତ କଣ୍ଟିଲୋ, ସିଧାମୂଳା, ଖଳିସାହି, ବାହାଡ଼ା ଓ ଆଖପାଖ ଅଞ୍ଚଳରେ ଗଢ଼ିଉଠିଥିବା ହୋଟେଲ, ଜଳଖିଆ ଦୋକାନ ଓ ଢାବାଗୁଡ଼ିକରେ ଘରୋଇ ଗ୍ୟାସ ସିଲିଣ୍ଡର ବହୁଳ ମାତ୍ରାରେ ବ୍ୟବହାର ହେଉଛି। ରାସ୍ତା ପାଶ୍ୱର୍ରେ ଥିବା ଉଠା ଦୋକାନ ସମେତ ଫାଷ୍ଟଫୁଡ୍ ଓ ଚା' ଦୋକାନରେ ବେପିକର ଭାବେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହୃତ ହେଉଛି। ବିଭିନ୍ନ ଗ୍ୟାସ ଏଜେନ୍ସିର କର୍ମଚାରୀମାନେ ବ୍ୟବସାୟୀଙ୍କଠାରୁ ସିଲିଣ୍ଡର ପିଛା ୨ ଶହରୁ ଅଧିକ ଟଙ୍କା ନେଇ ସେମାନଙ୍କୁ ଏକ ସମୟରେ ଏକାଧିକ ଘରୋଇ ଗ୍ୟାସ୍ ଟାଙ୍କି ଯୋଗାଇ ଦେଉଥିବା ସାଧାରଣରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଫଳରେ ପ୍ରତ୍ୟେକ ମାସରେ ବିଭିନ୍ନ ଗ୍ୟାସ୍ ଏଜେନ୍ସି ନିକଟରେ ଘରୋଇ ଗ୍ୟାସ ସିଲିଣ୍ଡରର ଅଭାବ ପରିଲକ୍ଷିତ ହେଉଛି। ଏପରିକି ଜାଳେଣି ଗ୍ୟାସ ବ୍ୟବହାର କରୁଥିବା ଉପଭୋକ୍ତାମାନେ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ଗ୍ୟାସ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଯୋଗାଣ ବିଭାଗ ଏ ସମ୍ପର୍କରେ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଖଣ୍ଡପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ନିର୍ବନ୍ଧ କାର୍ଯ୍ୟରେ ଗଣ୍ଡଗୋଳ କରି ୨ ଗିରଫ

**ଭାପୁର,୨୩।୨(ସମିସ):** ଫତେଗଡ଼ ଥାନା ଧାନଚାଙ୍ଗଡ଼ା ପଞ୍ଚାୟତ କଳଟାଙ୍ଗୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ନିର୍ବନ୍ଧ କାର୍ଯ୍ୟରେ ଗଣ୍ଡଗୋଳ ଘଟି ୨ ଜଣ ଗୁରୁତର ହେବା ସହ ୩ ଆହତ ହୋଇଥିଲେ। ଏ ନେଇ ଦୁଇଟି ଭିନ୍ନ ମୋକଦ୍ଦମାରେ ସୋମବାର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦିଲ୍ଲୁ ବିଶ୍ୱାଳ ଓ ନୀଳ ବିଶ୍ୱାଳ। କଳଟାଙ୍ଗୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅର ନିର୍ବନ୍ଧ କାର୍ଯ୍ୟ ନିକଟସ୍ଥ ବେଲେଇଶୁଣୀ ପୀଠରେ ହେଉଥିଲା। ଏହି ପାରିବାରିକ କାର୍ଯ୍ୟକ୍ରମରେ ତାଙ୍କ ପରିବାର, ବନ୍ଧୁବାନ୍ଧବ, ଗ୍ରାମବାସୀ ଓ କିଛି ଅତିଥି ଯୋଗଦେଇଥିଲେ। ଏହି ସମୟରେ କିଛି ଯୁବକ ମଦପିଇ ସେଠାରେ ଗଣ୍ଡଗୋଳ କରିଥିଲେ। ଏଥିରେ ୩ ଜଣଙ୍କ ମୁଣ୍ଡ ଫାଟି ଆହତ ହୋଇଥିଲେ। ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପିଇଓଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୨୩।୨(ସମିସ):** ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସୁରେନ୍ଦ୍ର ସେଠୀ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ ଖୋଲାଖୋଲି ଭାବେ ହିତାଧିକାରୀଙ୍କଠାରୁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଏକ ଅଡିଓରେ ପିଇଓ ସେଠୀ ଜଣେ ଠିକାଦାରଙ୍କଠାରୁ ଖୋଲାଖୋଲି ୩ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଶୁଣାଯାଉଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଅବଗତ ଥିବା ସତ୍ତ୍ୱେ ପିଇଓଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବଦ୍ରଷ୍ଟା ସାଜିଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ଉନ୍ନୟନ କାର୍ଯ୍ୟ ବାବଦରେ ଲାଞ୍ଚ କାରବାର ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଏକ ସାଧାରଣ କଥା ହୋଇଛି। ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ପିଇଓଙ୍କ କାର୍ଯ୍ୟକଳାପ ପ୍ରତି ଭିଜିଲାନ୍ସ ବିଭାଗ ଓ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ମର୍ଦ୍ଦରାଜପୁର ପଞ୍ଚାୟତବାସୀ ଦାବି କରିଛନ୍ତି। ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କୁ ଏ ନେଇ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ସେହିପରି ଅଭିଯୋଗ ସମ୍ପର୍କରେ ପିଇଓ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ବ୍ଲକକୁ ଧାଇଁ ଧାଇଁ ନିରାଶ ହିତାଧିକାରୀ

# ନେତାଙ୍କ ସୁପାରିସ ବିନା ମିଳୁନି ଭିନ୍ନକ୍ଷମ ଭତ୍ତା

ଭାପୁର,୨୩।୨(ସମିସ)

ଭତ୍ତା ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର କିମ୍ବା ବୟସ ପ୍ରମାଣପତ୍ର ଆବଶ୍ୟକ ନାହିଁ। ଯଦି ନେତାଙ୍କ ସୁପାରିସ ଅଛି ତୁମକୁ ଏ ସବୁର କୌଣସି ଆବଶ୍ୟକ ନାହିଁ। ତୁମେ ୮୦ ବର୍ଷର ହୁଅ କିମ୍ବା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ, ତୁମକୁ ଭତ୍ତା ମିଳିବା କଷ୍ଟକର। ମାତ୍ର ଗୋଟିଏ ସୁପାରିସ ଥିଲେ ସବୁ ସମ୍ଭବ। ଏପରି ଘଟଣା ଘଟୁଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ। ଏଠାରେ ପ୍ରସଙ୍ଗ କ୍ରମେ କିଛି ଅନୁସୂଚିତ ଜନଜାତି ଭିନ୍ନକ୍ଷମ ବ୍ୟକ୍ତି ହୋଇ ବି ଭତ୍ତା ପାଇବାକୁ କିପରି ଅଣଦେଖା ହୋଇଛନ୍ତି ସେମାନଙ୍କ ଉଦାହରଣ ନିଆଯାଇପାରେ। ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠପ୍ରସାଦ



ଗ୍ରାମର ମନୋଜ କୁମାର ମଲ୍ଲିକ (୬୦) ୭୫ ପ୍ରତିଶତ ଭିନ୍ନକ୍ଷମ ତଥା ଅନୁସୂଚିତ ଜନଜାତି ବର୍ଗର। ସେ ବର୍ତ୍ତମାନ ଶଯ୍ୟାଶାୟୀ ଅଛନ୍ତି। ଭିନ୍ନକ୍ଷମ ଭତ୍ତା ଆବେଦନ କରିଥିଲେ ହେଁ ତାଙ୍କ ପାଇଁ ଏହା ଏ ପର୍ଯ୍ୟନ୍ତ ସାତସପନ ହୋଇଛି। ସ୍ତ୍ରୀଙ୍କ ମୃତ୍ୟୁ ପରେ ମନୋଜ ଏବେ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ବେଳେ ତାଙ୍କ ଚିକିତ୍ସା ଓ ବଞ୍ଚିବା ପାଇଁ ଭତ୍ତା ନିହାତି ଆବଶ୍ୟକ। ମାତ୍ର ବ୍ଲକ ନ ଆସିଲେ ଭତ୍ତା ସମ୍ଭବ ନୁହେଁ ବୋଲି ବ୍ଲକ କର୍ତ୍ତୃପକ୍ଷ କହୁଛନ୍ତି। ନତୁବା ଶାସକ ଦଳର ଜଣେ ଟାଣୁଆ ନେତାଙ୍କ ସୁପାରିସ ଥିଲେ ସବୁ ସମ୍ଭବ। ସେହିପରି ଭାପୁର ପଞ୍ଚାୟତ ମାନପୁର ଆଦିବାସୀ ସାହିର ଏହି ଅନୁସୂଚିତ ଜନଜାତିର ସଉରୀ ଦେହୁରୀ ଓ ଟୁକୁନା ନାୟକ ଭତ୍ତା ପାଇଁ ପରିବାର ସହ ବ୍ଲକ ଅଫିସ ଧାଇଁ ଧାଇଁ ନୟାନ୍ତ ହୋଇଥିଲେ ହେଁ ଭତ୍ତା ମିଳିବା ସମ୍ଭବ ହୋଇନାହିଁ। ଓଲଟି ଟାର୍ଗେଟ ଆସିଲେ ତୁମର ଭତ୍ତା ହୋଇଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ବାରମ୍ବାର କହି ସେମାନଙ୍କୁ ଫେରାଇ ଦେଉଛନ୍ତି। ଅପରପକ୍ଷରେ ବ୍ଲକରେ କିଏ କିଏ ଭତ୍ତା ପାଇବେ ତାହା ବ୍ଲକ କର୍ତ୍ତୃପକ୍ଷ ନିଷ୍ପତ୍ତି ନିଅନ୍ତି ନାହିଁ, ଭାପୁରର ଜଣେ ଶାସକ ଦଳର ଟାଣୁଆ ନେତା ନିଷ୍ପତ୍ତି ନେଇ ତାଙ୍କ ପ୍ୟାଡ୍‌ରେ ଲେଖି କରି ଦେଲେ ଭତ୍ତା ମିଳୁଛି ବୋଲି ଜଣାପଡ଼ିଛି। ଏପରି ଶହ ଶହ ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇଁ ଚାତକ ପରି ଚାହିଁ ରହିଥିଲା ବେଳେ ଭିନ୍ନକ୍ଷମ ହୁଅନ୍ତୁ କି ଅନୁସୂଚିତ ଜାତି, ଜନଜାତି କିମ୍ବା ବୟସ୍କ ବ୍ୟକ୍ତି, ସେମାନଙ୍କ ଭତ୍ତା ପାଇଁ ଏହି ମାପକାଠି ଆବଶ୍ୟକ ଅପେକ୍ଷା ସୁପାରିସ ଅଧିକ ଆବଶ୍ୟକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ବାଲୁଗାଁ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କର୍ମଶାଳା




ବାଲୁଗାଁ,୨୩।୨(ସମିସ) : ବାଲୁଗାଁ ମହାବିଦ୍ୟାଳୟ କ୍ୟାରିୟର କାଉନସେଲିଂ ସେଲ ପକ୍ଷରୁ ୟୁନାଇଟେଡ୍ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ସହଯୋଗରେ ମହାବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ପରବର୍ତ୍ତୀ ଉଚ୍ଚ ଶିକ୍ଷା, ବୃତ୍ତିଗତ ପାଠ୍ୟକ୍ରମ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହିତ ଛାତ୍ରଛାତ୍ରୀଙ୍କୁ ସଂଯୁକ୍ତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଆୟୋଜିତ କର୍ମଶାଳାରେ ସାଧନକର୍ମୀ ତଥା ୟୁଏସବିଏମ୍ ର ପ୍ରଫେସର କୈଳାସ ଚନ୍ଦ୍ର ନାୟକ ଓ ତାଲିମ ମୁଖ୍ୟ ପ୍ରଫେସର ଅମିତ ପଟ୍ଟନାୟକ ଯୋଗଦେଇଥିବା ବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୟୁଏସବିଏମ ଅନୁଷ୍ଠାନ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସୁବୁଦ୍ଧି, କାଉନସେଲିଙ୍ଗ ସେଲ ପରାମର୍ଶଦାତା ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା କ୍ରିଷ୍ଟା ସେଠୀ, ସ୍ନିଗ୍ଧାରାଣୀ ମୁଦୁଲି, ସୁଚିସ୍ମିତା ମହାପାତ୍ର ଓ ଅଧ୍ୟାପକ ବିମଳ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କର୍ମଶାଳାରେ ଆମନ୍ତ୍ରିତ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାର ପାଇଁ ଆବଶ୍ୟକ ଇଂରାଜୀ କଥନ ଓ ଲିଖନ ଦକ୍ଷତା, ତର୍କୀୟ ବିଚାର ସାମର୍ଥ୍ୟ, ଦଳଗତ ଆଲୋଚନା, ବୁଦ୍ଧିଗତ ପ୍ରଶ୍ନ, କମ୍ପ୍ୟୁଟର ଦକ୍ଷତା ଆଦି ଜ୍ଞାନ ସମ୍ପର୍କରେ ପାରସ୍ପରିକ ଆଲୋଚନା କରିବା ସହିତ ସାଧାରଣ ଶିକ୍ଷା ପରେ ଏମସିଏ, ଏମବିଏ ସମେତ ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ମୃଦାନୀ ଶଙ୍କର ପ୍ରସାଦ ମିଶ୍ର, ଅଧ୍ୟାପିକା ଝରଣା ନାଥ ଓ ଶୁଭଦର୍ଶିନୀ ବିଶ୍ୱାଳ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିବା ବେଳେ ବହୁ ସଂଖ୍ୟାରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ଧାନକିଣାରେ ଅବ୍ୟବସ୍ଥା

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ନବ ନିର୍ମାଣ କୃଷକ ସଂଗଠନ




ଖୋର୍ଦ୍ଧା,୨୩।୨(ସମିସ): ଖୋର୍ଦ୍ଧା ଜିଲ୍ଲାରେ ଧାନମଣ୍ଡିରେ ଅବ୍ୟବସ୍ଥା, କଟନୀ ଛଟନା ପ୍ରତିବାଦରେ ଆଜି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ହାତରେ ପ୍ଲାକାର୍ଡ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧସେଇ ପଶିଥିଲେ। ସରକାରଙ୍କ ଚାଷୀ ମାରଣନୀତି ବିରୋଧରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର କରିଥିଲେ।

ଆଜି ମଧାହ୍ନରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଂଯୋଜକ ତଥା ଚାଷୀ ନେତା ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକର ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ପହଁଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ତେବେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ, ସିଏସ୍‌ଓ, ଡିଆର୍‌ସିଏସ୍ ସହ ଆଲୋଚନା କରାଯିବ ବୋଲି ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁଯାୟୀ ଚଳିତବର୍ଷ ଏଫ୍‌ଏକ୍ୟୁମାନର ଧାନ ଥିବା ସତ୍ତ୍ୱେ ମିଲର୍ସଙ୍କ ମନମାନୀରେ କଟନୀ ଛଟନୀ ଚାଲିଛି। ମଲର୍ସଙ୍କ ଆଗରେ ସରକାର ଏବଂ ପ୍ରଶାସନ ହାତ ଟେକି ଦେଇଛନ୍ତି। ମଣ୍ଡିରେ ସ୍ୱଚ୍ଛତା ପାଇଁ ପ୍ରଶାସନ ପକ୍ଷରୁ ସ୍କ୍ୱାର୍ଡ ଗଠନ କରାଯାଇଥିଲେ ମଧ କୌଣସି ପ୍ରଶାସନିକ ଅଧିକାରୀ ମଣ୍ଡି ଯାଂଚ କରିବାକୁ ଯାଇନାହାନ୍ତି। ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଧାନରେ କ୍ୱିଣ୍ଟାଲ ପିଛା ୨କେଜିରୁ ଅଧିକ କଟାଗଲେ ପ୍ୟାକ୍ସ ସମ୍ପାଦକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାତ୍ର କଡା ଚେତାବନୀ ସତ୍ତ୍ୱେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ବେଗୁନିଆ ବଡବେରଣା ସମବାୟ ସମିତିରେ ପଞ୍ଜିକୃତ ଚାଷୀ ଅରୁଣ କୁମାର ମହାପାତ୍ରଙ୍କ ୭୫ କ୍ୱିଣ୍ଟାଲ ଧାନ ଏଫ୍‌ଏକ୍ୟୁ ସତ୍ତ୍ୱେ ଜବରଦସ୍ତ କ୍ୱିଣ୍ଟାଲ ପିଛା ୫କେଜି କଟାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ସୁରେଶ କୁମାର ମାନସିଂହ, ସହ ସଂଯୋଜକ ଜୟନ୍ତ ତ୍ରିପାଠୀ, ବୋଲଗଡ ବ୍ଲକ ସଂଯୋଜକ କାହ୍ନୁଚରଣ ବେହେରା, ବେଗୁନିଆ ସଂଯୋଜକ ମଦନ ସାହୁଙ୍କ ସମେତ ଆଶିଷ ବେହେରା, ଅରୁଣ ମହାପାତ୍ର, ସୁଶାନ୍ତ ବେହେରା, ସୋମନାଥ ମହାପାତ୍ର, ନିରଞ୍ଜନ ପ୍ରଧାନ, ଅନ୍ତର୍ଯ୍ୟାମୀ ବେହେରା, ସଞ୍ଜୟ ମହାପାତ୍ର ପ୍ରମୁଖ ବହୁ ବାଷୀ ସାମିଲ ହୋଇଥିଲେ।

# ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ନୂତନ ସଭାପତି ଘୋଷଣା

## ● ରଣଜିତ ମହାପାତ୍ର ନଗର କଂଗ୍ରେସ ସଭାପତି

ଖୋର୍ଦ୍ଧା,୨୩।୨(ସମିସ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା, ବେଗୁନିଆ, ଚିଲିକା, ଜଟଣୀ ଏବଂ ଜୟଦେବ ନିର୍ବାଚନ ମଣ୍ଡଳୀ ଅଧିନ ବିଭିନ୍ନ ବ୍ଲକ, ବିଜ୍ଞାପିତ ଅଂଚଳ ପରିଷଦ ନୂତନ କମିଟି ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୌରପରିଷଦ ସଭାପତି ଭାବେ ରଣଜିତ ମହାପାତ୍ର, ଖୋର୍ଦ୍ଧା ବ୍ଲକ୍ ତାପସ ବିଶି ଏବଂ ଟାଙ୍ଗି ବ୍ଲକ୍ ପାଇଁ ଶିଶିର କୁମାର ପଟ୍ଟନାୟକଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିଭଳି ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ଏନ୍‌ଏସି ପାଇଁ ବିଜୟ କୁମାର ରଥ, ବ୍ଲକ୍ ପାଇଁ ଅକ୍ଷୟ ମହାପାତ୍ର, ବାଲୁଗାଁ ଏନଏସି ପାଇଁ ସମୀର ସ୍ୱାଇଁ ଏବଂ ଚିଲିକା ବ୍ଲକ ପାଇଁ ଉଗ୍ରେସେନ ବିଶ୍ୱାଳଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିଭଳି ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଗୁନିଆ ବ୍ଲକ ପାଇଁ ମହମ୍ମଦ ମହିଦ୍ଦୁନ ଅହେମ୍ମଦ ଏବଂ ବୋଲଗଡ ବ୍ଲକ ପାଇଁ ରମାକାନ୍ତ ପଟ୍ଟନାୟକ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକ ପାଇଁ ଶୈଳେନ୍ଦ୍ର ଦାଶ, ବାଲିଅନ୍ତା ବ୍ଲକ୍ ପାଇ ଜନ୍ମେଜୟ ସ୍ୱାଇଁ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଜଟଣୀ ପୌରାଂଚଳ ପାଇଁ ଶିବପ୍ରସାଦ ଦାସ ଓ ବ୍ଲକ୍ ପାଇଁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏବଂ ଭୁବନେଶ୍ୱର ବ୍ଲକ ପାଇଁ ପ୍ରତାପ ଚନ୍ଦ୍ର ବେହେରାଙ୍କୁ ସଭାପତି ଭାବେ ଘୋଷଣା କରାଯାଇଛି।

# ପରିବାରରେ ଏକାଠି ବସି ଖାଆନ୍ତୁ; ମଜା କରନ୍ତୁ

ଖୋର୍ଦ୍ଧା,୨୩।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ଖୋର୍ଦ୍ଧା ନଗର ପକ୍ଷରୁ ଗଡଖୋର୍ଦ୍ଧା ଠାରେ ଆୟୋଜିତ ପରିବାର ବନବିହାର କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ପ୍ରଚାରକ ରାଜେଶ୍ୱର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦର୍ଶ ପରିବାର ସମ୍ପର୍କରେ କହିଥିଲେ। ସେ କହିଲେ ଯେ ଆଦର୍ଶ ପରିବାର ଅଭାବରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏକ ସଶକ୍ତ, ସମୃଦ୍ଧ ରାଷ୍ଟ୍ରର ପରିକଳ୍ପନା କେବଳ ଏକ ଆଦର୍ଶ ପରିବାର ଦ୍ୱାରା ସମ୍ଭବ। ଘର ଆଗରେ, ଅଗଣାରେ ତୁଳସୀ ଚଉଁରା ରହିଲେ ଘରେ ଏକ ସ୍ୱାତିକ, ଭକ୍ତିମୟ ପରିବେଶ ରହିଥାଏ। ଠାକୁର ଘରେ ପରିବାର ସଦସ୍ୟ ଦୈନିକ ପୂଜାପାଠ ସହ ଭାଗବତ ପାଠ କରନ୍ତୁ। ଏକାଠି ବସି ଭୋଜନ କରନ୍ତୁ। ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲି ଯିବା ଭଳି ବର୍ଷକୁ ଥରେ କୌଣସି ଏକ ତୀର୍ଥକ୍ଷେତ୍ର ଭ୍ରମଣ କରନ୍ତୁ। ପରିବାର ସହ ଦର୍ଶନ କରନ୍ତୁ। ମନ ଭିତରେ ମଳିନକୁ ଦୂର କରି ଗଠନମୂଳକ ସମାଜ ଦିଗରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏସଏସ ସହ ପ୍ରାନ୍ତସେବା ପ୍ରମୁଖ ବେଲେଶ୍ୱର ସାହୁ, ଜିଲ୍ଲା ସଂଘ ଚାଳକ ନିରଞ୍ଜନ ସାହୁ, ନଗର ସଂଘଚାଳକ କିଶୋର ବରାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୨୫ରୁ କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୨୩।୨(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମପଂଚାୟତରେ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ କାଇପଦର ପ୍ରିମିୟର୍ ଲିଗ୍ -୨୦୨୬ ସିଜିନ୍ ୩ ଆସନ୍ତା ୨୫ ତାରିଖରୁ ଅନୁଷ୍ଠିତ ହେବ। ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଂଟ ଚାଲିବ। ପ୍ରତ୍ୟେକ ଦିନ ୨ଟି ମ୍ୟାଚ ଖେଳାଯିବ। ଏଥିରେ ୬ଟି ଟିମ୍ ଅଂଶଗ୍ରହଣ କରିବେ। ତନ୍ମଧ୍ୟରେ ବାବା ୱାରିୟର୍ସର ମାଲିକ - ଗୋପାଳ ଚନ୍ଦ୍ର ଦାସ, ବଦମାସ୍ ୧୧ ମାଲିକ - ବିଶ୍ୱ ରଞ୍ଜନ ଜେନା, ମା ମଙ୍ଗଳା ଲାୟନ ମାଲିକ - ଆନନ୍ଦ ଭାରିମଲ୍ଲ, ଫିଲ୍ଡ ଫ୍ରାଇଟର ମାଲିକ -ଲିଙ୍ଗରାଜ ସାମନ୍ତରାୟ, ପାଇକ ଫାଇଟର ମାଲିକ - ସୋମ୍ୟ ସମବିଦ୍ ମଙ୍ଗରାଜ, ମହାବୀର୍ ଫାଇଟର ମାଲିକ - ବିଷ୍ଣୁ ଶଙ୍କର ମାନସିଂହ ରହିଛନ୍ତି ବୋଲି ଆୟୋଜକ ବିଭୁ ପ୍ରସାଦ ବଳିୟାରସିଂହ, ସୁବ୍ରତ ରଣସିଂହ, ରାଜେଶ ସୁବୁଦ୍ଧି, ସନ୍ଦୀପ ଜୁଝାରସିଂହ, ଦିଲୁ ସାହୁ, କୁଲୁ ରାଉତରାୟ, ଝଜ ସାମନ୍ତରାୟ, ଶରତ ମଙ୍ଗରାଜ, କୈଳାସ ଶ୍ରୀଚନ୍ଦନ, ଶୁଭ ରଣସିଂହ ପ୍ରମୁଖ ସୂଚନା ଦେଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡ଼ା ଦିବସ




ଖୋର୍ଦ୍ଧା,୨୩।୨(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ଆଇ.ଟି.ବି.ପି ଖୋର୍ଦ୍ଧା ପରିସରରେ ଏହାର ବାର୍ଷିକ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏସ.ଏମ.ସି ଅଧ୍ୟକ୍ଷ ତଥା ସେନାନୀ ୪୧ବାଟାଲିୟନ ଖୋର୍ଦ୍ଧା ନରେନ୍ଦ୍ର ସିଂ ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରି ଏହାର ଉଦ୍ଘାଟନ କରିଥିଲେ। ଖେଳକୁ ଜୀବନରେ ଆପଣେଇଲେ ସୁସ୍ଥ ସବଳ ରହିବା ସହିତ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ସଫଳ ହେବେ ବୋଲି ମୁଖ୍ୟଅତିଥି ଶ୍ରୀ ସିଂ କହିଥିଲେ।ସମ୍ମାନିତ ଅତିଥିଭାବେ ବି.ଲାଲରିନି ମାଇୱା ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝାଙ୍କର ସ୍ୱାଗତ ଭାଷଣ ସହିତ ଖେଳର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥଲେ। ବିଦ୍ୟାଳୟର ଛାତ୍ରଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଶିବ ତାଣ୍ଡବ ନୃତ୍ୟ ,ପାଇକ ନୃତ୍ୟ, ଯୁମ୍ପା ନୃତ୍ୟ ଏବଂ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ଛାତ୍ର ଛାତ୍ରୀ ମାନଙ୍କର ରିଲେ ଦୌଡ଼, ପୁରୁଷ ଅଭିଭାବକ ମାନଙ୍କର ୮୦ମିଟର ଦୌଡ, ମହିଳା ଅଭିଭାବକମାନଙ୍କର ଲେମ୍ବୁ ଚାମଚ ଦୌଡ କରାଯାଇଥିଲା। ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରମଣ ହାଉସର କ୍ୟାପଟେନ ଦିବ୍ୟାଂଶିକାଙ୍କ ଦଳ ବାଳିକା ବିଭାଗ କବାଡିରେ ପ୍ରଥମ ସ୍ଥାନ, ଟାଗୋର ହାଉସ କ୍ୟାପଟେନ ପ୍ରତ୍ୟୁଷାଙ୍କ ଦଳ ଦ୍ୱିତୀୟ ସ୍ଥାନ ଏବଂ ସୁବାଷ ହାଉସ କ୍ୟାପଟେନ ଦିପାଳିଙ୍କ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରତିଭା ଘୋଷ ପରିଚାଳନା କରିବା ସହିତ ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ, ଶୁଭଲକ୍ଷ୍ମୀ ସେନାପତି, ଗୀତାଞ୍ଜଳୀ ସାହୁ, ପ୍ରଜ୍ଞା ପାରମିତା ନାୟକ, ଶିକ୍ଷକ ଦିଲ୍ଲୀପ ରଣା ସହଯୋଗ କରିଥିଲେ। ଶିକ୍ଷକ ପରମେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨୮ରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ବେଗୁନିଆ,୨୩।୨ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମରେ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଛି। ଏହି ମ୍ୟାଚ ଚଳିତ ମାସ ୨୮ ତାରିଖ ଅପରାହ୍ନ ୪ ଘଟିକା ସମୟ ଧାର୍ଯ୍ୟ ହୋଇଥିବା ବେଳେ ନୟାଗଡ ଇଟାମାଟି, ଭୁବନେଶ୍ୱର ରେନ ବୋ କ୍ଲବ , ପୁରୀ କ୍ଲବ ପୁରୀ, ଖୋର୍ଦ୍ଧା କଣ୍ଟାବାଡ଼, ଆଠଗଡ଼ ଜେନାପଦା ଓ ଯାଜପୁର ଜନକ ଦଳ ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ଚନ୍ଦ୍ରଶେଖର ଦେବ ବ୍ରାହ୍ମଣ ସମିତି ଗଠିତ



ଚିଲିକା,୨୩।୨(ସମିସ): ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଚୁଣୀ ଅଞ୍ଚଳର ବିଭିନ୍ନ ବ୍ରାହ୍ମଣ ଶାସନକୁ ନେଇ ଚନ୍ଦ୍ର ଶେଖର ଦେବ ବ୍ରାହ୍ମଣ ସମିତି ଗଠିତ ହୋଇଯାଇଅଛି। ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଜୀବନଦେଇପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସର୍ବ ସମ୍ମତି କ୍ରମେ ଅଶ୍ୱିନୀ କୁମାର ମହାପାତ୍ର ସଭାପତି, ପ୍ରଭାକର ଦାଶ ଉପ ସଭାପତି, ହରିବନ୍ଧୁ ମିଶ୍ର ସମ୍ପାଦକ, ଅକ୍ଷୟ କୁମାର ତ୍ରିପାଠୀ ସହ ସମ୍ପାଦକ, ପ୍ରଦୋଷ କୁମାର ଷଡ଼ଙ୍ଗୀ କୋଷାଧ୍ୟକ୍ଷ, ଫକୀର ମୋହନ ନନ୍ଦ ଉପଦେଷ୍ଟା, ସର୍ବଶ୍ରୀ ନିର୍ମଳ କୁମାର ମହାପାତ୍ର, ଶରତ କୁମାର ବ୍ରହ୍ମା, ପୀତାମ୍ବର ଶତପଥୀ ଓ ଦିଲ୍ଲୀପ କୁମାର ଦାଶ ପ୍ରମୁଖ ସଭ୍ୟମାନଙ୍କୁ ନେଇ ଏକ ପନ୍ଦର ଜଣିଆ ପରିଚାଳନା କମିଟି ଗଠନ କରାଯାଇଛି। ସମାଜରେ ନୈତିକ ମୂଲ୍ୟବୋଧର ବିକାଶ, ଆଦର୍ଶ ଜୀବନଯାପନ ଶୈଳୀ, ସାମାଜିକ ସହାବସ୍ଥାନ ଆଦି ଲକ୍ଷ୍ୟରେ ଗଠିତ ଏହି ସମିତି ଭାରତୀୟ ଗଣତାନ୍ତ୍ରିକ ପଦ୍ଧତି ପ୍ରତି ଅକୁଣ୍ଠ ଆସ୍ଥା ପ୍ରକଟ କରିଛି। ଉକ୍ତ ବୈଠକରେ ଶତାଧିକ ସଭ୍ୟ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

# ସିଆଇଏସ୍‌ଏଫ୍ ୪୦ ମହିଳା ଯବାନ ଶିଖିଲେ ପାଇକ ସମରକଳା



ଖୋର୍ଦ୍ଧା,୨୩।୨(ସମିସ): ଖୋର୍ଦ୍ଧା ଉପକଣ୍ଠ ପାଇକତିଗିରିଆ ଗ୍ରାମର ଦୀପକ କୁମାର ଶତ୍ରୁଶଲ୍ୟ ତାଙ୍କ ସହଯୋଗୀ ଅଭିରାମ ଶତ୍ରୁଶଲ୍ୟଙ୍କ ସହ ନୂଆଦିଲ୍ଲୀ ନୋଏଡାସ୍ଥିତ ସିଆଇଏସ୍‌ଏଫ୍ କ୍ୟାମ୍ପସ୍‌ରେ ୪୦ଜଣ ମହିଳା ଯବାନଙ୍କୁ ପାଇକ ସମରକଳା ଢାଲ ଓ ଖଣ୍ଡା ଚାଳନା ପ୍ରଶିକ୍ଷଣ ଦେଇଛନ୍ତି। ଗତ ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତଦିନ ବ୍ୟାପୀ ମହିଳା ଯବାନ ମାନଙ୍କୁ ରଣକୌଶଳ ଶିକ୍ଷା ଦେଇଥିଲେ। ଦିପକଙ୍କ ଏହି ପ୍ରଶିକ୍ଷଣଙ୍କୁ ସିଆଇଏସ୍‌ଏଫ୍ ଡିଆଇଜି ଉଚ୍ଚ ପ୍ରଶଂସା କରିବା ସହ ପ୍ରଶସ୍ତିପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ସମାପ୍ତି ପରେ ଗତକାଲି ଖୋର୍ଦ୍ଧାକୁ ଫେରିଛନ୍ତି ଦୀପକ। ଏସମ୍ପର୍କରେ ସେ କହିଲେ ଯେ, ମହିଳା ସୈନିକ ମାନଙ୍କୁ ଢାଲ ଓ ଖଣ୍ଡାଚାଳଣା ପ୍ରଶିକ୍ଷଣ ଦେବା ମୋ ପାଇଁ ଏକ ଚାଲେଞ୍ଜ ରହିଥଲା। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ ମୋ ପାଖକୁ ଏକ ଚିଠି ଆସିଥିଲା। ସେଥିରେ ଆମ ଦୁଇଜଣଙ୍କ ନାଁ ରହିଥଲା ଓ ପ୍ରଥମେ ଶାରୀରିକ ଅଭ୍ୟାସ, ପରେ ହାତଗୋଡ ଚାଳଣା ପରେ ଢାଲ ଓ ଖଣ୍ଡା ଦ୍ୱାରା ପ୍ରଶିକ୍ଷଣ ଦିଆଯାଇ ଶେଷରେ ସମ୍ମୁଖ ଯୁଦ୍ଧଭ୍ୟାସ କରାଯାଇଥିଲା।

ତେବେ ଦୀପକ ପେସାରେ ଏକ ଘରୋଇ ସଂସ୍ଥାରେ କାମ କରୁଛନ୍ତି। ଗ୍ରାମରେ ଗ୍ରାମେଶ୍ୱର ପାଇକ ଆଖଡା ନାଁରେ ଦୀର୍ଘ ୨୦ବର୍ଷ ହେବ ଗ୍ରାମର ପିଲାଙ୍କୁ ପାଇକ ସମରକଳା ପ୍ରଶିକ୍ଷଣ ପ୍ରଦାନ ସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଛନ୍ତି। ସେହିଭଳି ଅଭିରାମ ଶତ୍ରୁଶଲ୍ୟ ମଧ ଯୋଗମାୟା ପାଇକ ଆଖଡା ସହ ସଂଶ୍ଳିଷ୍ଟ ଅଛନ୍ତି ଓ ଏକ ଉନ୍ନତ ପାଇକ ଆଖଡା ପ୍ରଦର୍ଶନ ଦିଗରେ ଉଭୟଙ୍କ ବେଶ୍ ଦକ୍ଷତା ଏବଂ ସୁନାମ ରହିଛି। ଦୀପକ କୁହନ୍ତି ନିକଟରେ ଜଟଣୀରେ କେତେଜଣ ଯୁବତୀଙ୍କୁ ପାଇକ ସମରକଳା ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି।

# ସନ୍ଥ ନିରଙ୍କାରୀ ମିଶନ ଦ୍ୱାରା ରାସ୍ତା ସଫେଇ




ଭୂଷଣ୍ଡପୁର,୨୩।୨(ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମପଂଚାୟତରେ ଗୁରୁ ପୂଜା ଦିବସ ଉପଲକ୍ଷେ ସମସ୍ତ ରାସ୍ତାକୁ ପରିଷ୍କାର କରାଯାଇଛି। ସମଗ୍ର ଭାରତ ବର୍ଷରେ ସନ୍ଥ ନିରଙ୍କାରୀ ମିଶନର ସଭ୍ୟ ମାନେ ମା ଙ୍କର ଆର୍ଶୀବାଦ ପାଇବା ପାଇଁ କରୁଥିବା କାର୍ଯ୍ୟକ୍ରମ ଯୋଗୁଁ ଭୂଷଣ୍ଡପୁରର ସନ୍ଥ ନିରଙ୍କାରୀ ଗୋଷ୍ଠୀର ସମସ୍ତ ଭାଇ ଓ ଭଉଣୀ ମାନେ ଆଜି ବାଲିପାଟପୁର ଡାକ୍ତର ଖାନା ଠାରୁ ବସ ଷ୍ଟାଣ୍ଡ କୁ ସମ୍ପୂର୍ଣ୍ଣ ସଫା କରିଥିଲେ। ମିଶନର ପ୍ରମୁଖ ଯୁଧିଷ୍ଠିର ସାହୁ, ଦିବ୍ୟସିଂହ ବଳିୟାରସିଂହ ସେବାକାରୀ ପ୍ରମୁଖ ସୁକାନ୍ତ ପରିଡା, ବୀର ପରିଡା, ନାରାୟଣ ବେହେରା, ଦଣ୍ଡପାଣି ବେହେରା, ସୀତା ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କେ.ଭି ଆଇଟିବିପିରେ ସ୍କାଉଟ୍ ଗାଇଡ୍ ଚିନ୍ତନ ଦିବସ



ଖୋର୍ଦ୍ଧା,୨୩।୨(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ଆଇ.ଟି.ବି.ପି ଖୋର୍ଦ୍ଧା ପରିସରରେ ସ୍କାଉଟ ଗାଇଡ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝାଙ୍କର୍ ରବର୍ଟ ବେରେନ୍ ପାୱେଲ ଏବଂ ଲେଡୀ ବରେନ୍ ପାୱେଲ୍ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରତିଭା ଘୋଷ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେନାପତି, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ନାୟକ, ବର୍ଷା ରାଣୀ ସାହୁ ଓ ଶିକ୍ଷକ ଦିଲ୍ଲୀପ ରଣା ସହଯୋଗ କରିଥିଲେ। ସର୍ବଧର୍ମ ପ୍ରାର୍ଥନା ଓ ଶାନ୍ତି ପାଠ ଛାତ୍ରୀ ପ୍ରତ୍ୟୁଷା ମୁଦୁଲି, ଦିବ୍ୟାଂଶି ଦଲେଇ, ଆଦ୍ୟାଶା, ପିହୁ ଛାତ୍ର ପ୍ରୀତିଶ, ଅଂଶୁମାନ ପ୍ରମୁଖ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ କବ୍ ଓ ବୁଲ୍ ବୁଲ୍ ଛାତ୍ରଛାତ୍ରୀ ସ୍କାଉଟ ଗାଇଡ ଗଣବେଶରେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା କାର୍ଯ୍ୟକ୍ରମ

# ୨୦୦ ବସ୍ ମାଲିକଙ୍କୁ ଏଯାଏଁ ମିଳିନି ଭଡ଼ା ଟଙ୍କା

ଟାଙ୍ଗୀ,୨୩।୨(ସମିସ): ସରକାରଙ୍କ ଆବଶ୍ୟକତା ଥିବା ସମୟରେ ଯେନତେନ ପ୍ରକାର ଘରୋଇ ମାଲିକ ସଂଘକୁ ବୁଝାସୁଝା କରି ଶହ ଶହ ଯାତ୍ରୀବାହୀ ବସ ଗୁଡିକୁ କେବଳ ଅଗ୍ରୀମ ଡିଜେଲ ଟଙ୍କା ଦେଇ ବସ୍‌ଗୁଡିକୁ ନେଉଛନ୍ତି କିନ୍ତୁ କାର୍ଯ୍ୟକ୍ରମ ସରିବାର ମାସ ମାସ ଧରି ବକେୟା ଟଙ୍କା ପରିଶୋଧ କରୁନଥିବା ଜଣାପଡିଛି। ଗତ ୪ ମାସ ତଳେ ଝାରସୁଗୁଡା ଠାରେ ପ୍ରଧାନମନ୍ତ୍ରୀଙ୍କ ନ୍ୟାସନାଲ ମେଡିଟେସନ କନଫରେନ୍ସ କାର୍ଯ୍ୟକ୍ରମକୁ ୨ ଶହରୁ ଅଧିକ ଯାତ୍ରୀବାହୀ ବସ୍‌ଗୁଡିକୁ ବିନିଯୋଗ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ବାକି ଟଙ୍କା ପ୍ରଦାନ କରାଯାଉନଥିବାରୁ ଅସନ୍ତୋଷ ର ଦାନା ବାନ୍ଧୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୨୮ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନ୍ୟାସନାଲ ମେଡିଟେସନ କନଫରେନସ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ପରିବହନ ବାବଦରେ ଯାତ୍ରୀବାହୀ ବସ ଆବଶ୍ୟକତା ପଡିବାରୁ ଭୁବନେଶ୍ୱର, ବାଲୁଗାଁ, ପୁରୀ, ବାଙ୍କୀ, ବୋଲଗଡ ଅଞ୍ଚଳରୁ ୨୦୦ ଯାତ୍ରୀବାହୀ ବସ ଗୁଡିକୁ ଅଗ୍ରିମ ଆକାରରେ କାହାକୁ ୨୫ ହଜାର ତ କାହାକୁ ୨୭ ହଜାର ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ -(୧)ଙ୍କ ତରଫରୁ ୫୫ଲକ୍ଷ ଟଙ୍କା ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଘରୋଇ ବସ ମାଲିକ ସଂଘକୁ ପ୍ରଦାନ କରାଯାଇଥିଲା। ତେବେ ଇତିମଧ୍ୟରେ ୪ ମାସ ରୁ ଅଧିକ ସମୟ ଅତିକ୍ରମ ହୋଇସାରିଥିଲେ ମଧ ବକେୟା ଟଙ୍କା ମିଳିପାରିନାହିଁ। ତେବେ ଝାରସୁଗୁଡା ଜିଲ୍ଲା ପ୍ରଶାସନର ଅପାରଗତା ଯୋଗୁ ଏଭଳି ଅବ୍ୟବସ୍ଥା ଘଟିଥିବା ଜଣାପଡିଛି। ତେବେ ପ୍ରଧାନମନ୍ତ୍ରୀ ଙ୍କ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ୪୫୦ ରୁ ଅଧିକ ବସ ନିୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ଝାରସୁଗୁଡାରେ ଯାତ୍ରୀବାହୀ ବସ ଅଭାବ ପଡିବା ଯୋଗୁ ଝାରସୁଗୁଡା ଜିଲ୍ଲାପାଳ ଭୁବନେଶ୍ୱର ଆଞ୍ଚଳିକ ପରିବହନକୁ ଆବଶ୍ୟକତା ଅନୁସାରେ ବସ ଯୋଗାଇଦେବା ପାଇଁ ବସ ଗୁଡିକୁ ରିକ୍ୟୁଜେନସ କରିଥିଲେ। ମାସ ମାସ ଧରି ଏହି ପ୍ରାପ୍ୟ ପାଇବା ନିମନ୍ତେ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ଥିବା ଜଣାପଡିଛି। ଏପରିକି ଏହି ଘଟଣା ସଂପର୍କରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ଦୃଷ୍ଟିକୁ ଅଣାଯାଇଥିବା ଭୁବନେଶ୍ୱର ଘରୋଇ ବସ ମାଲିକ ସଂଘ ତରଫରୁ ସୂଚନା ମିଳିଛି। ଆଗାମୀ ଦିନରେ ସରକାରଙ୍କ ଜରୁରୀ ଆବଶ୍ୟକତା ସମୟରେ ଘରୋଇ ବସ ଯୋଗାଇ ଦେବାରେ ଅସହଯୋଗ କରିବେ ବୋଲି ମଧ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି।

# ବାଣପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର




ବାଣପୁର,୨୩।୨(ସମିସ) : ବାଣପୁର ବ୍ଲକ୍ ଅନ୍ତର୍ଗତ ଗାଲୁଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ତଥା ଗ୍ରାମ ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ପଂଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର, ଆସିଷ୍ଟାଣ୍ଟ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିବା ବେଳେ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ସମୁଦାୟ ୫୨ଟି ଅଭିଯୋଗ ପତ୍ର ଆସିଥିବା ସ୍ଥଳେ ତନ୍ମଧ୍ୟରୁ ୩୯ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୩ ଟି ସାମୁହିକ ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା। ସେଥି ମଧ୍ୟରୁ ୪ଟି ଅଭିଯୋଗ ସ୍ଥଳବିଶେଷରେ ତତ୍କାଳ ସମାଧାନ କରାଯାଇଥିବା ସହ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇ ଥିବା ବେଳେ ଯଥାଶୀଘ୍ର ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ଥିଲା।

